


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ମଙ୍ଗଳବାର ୧୬ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 16 JANUARY 2024

Vol.No. 35 ■ No.16 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା



website : www.dhwanipratidhwani.net

email: pratidhwani.dhwani@gmail.com




## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

# ପଥର କହିବ ଶ୍ରୀଜଗନ୍ନାଥ ସଂସ୍କୃତି କଥା

## ➪ ଶ୍ରୀସେତୁ ଉଭୟ ପାର୍ଶ୍ୱରେ ୩୦ ପଥର ଭାସ୍କର୍ଯ୍ୟ

## ➪ ୬୦ କାରିଗର ଦ୍ୱାରା ନିର୍ମିତ ହୋଇଛି ପଥର ମୂର୍ତ୍ତି









ପଥର କହିବ ଶ୍ରୀଜଗନ୍ନାଥ ସଂସ୍କୃତିର କଥା। ସେତୁ ବଖାଣିବ ମାଣବସା ଚିତା ପରମ୍ପରାର ଗାଥା। ବିଶ୍ୱସ୍ତରୀୟ ଆଧୁନିକ ସେତୁରେ ଝଲସିବ ପରମ୍ପରାର ଛିଟା। କଳିଙ୍ଗ କଳା ସ୍ଥାପତ୍ୟର ନିଦର୍ଶନ ଭେଟିଦେବ 'ଶ୍ରୀସେତୁ'। ଭକ୍ତ କେବଳ ଟ୍ରମ୍ପେଟ ସେତୁର ଅନୁଭବ ନେବେ ନାହିଁ, ବରଂ ଯାତାୟାତ ବେଳେ ଓଡ଼ିଶା କାରିଗରଙ୍କ ସୃଜନୀର ସମାହାରରେ ବିଭୋର ହେବେ। ଶ୍ରୀସେତୁରେ ପ୍ରବେଶ ପଥରୁ ନେଇ ଜଗନ୍ନାଥବଲ୍ଲଭ ପାର୍କିଂରେ ପହଞ୍ଚିବା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ପଥରର କାରୁକାର୍ଯ୍ୟ ଅଟକାଇଦେବ। ସେଲ୍‌ ?ଫି ନେବାକୁ ବାଧ କରିବ। ଉଭୟ ପାର୍ଶ୍ୱରେ ଖଣ୍ଡୋଲାଇଟ ପଥରରେ ୩୦ଟି ବୃହତ୍ ପଥର ଭାସ୍କର୍ଯ୍ୟ ଶୋଭା ପାଇବ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ମାର୍ଗଦର୍ଶନ ଏବଂ ସ୍ଥପତି ଭବାନୀ ମିଶ୍ରଙ୍କ ପରାମର୍ଶରେ ଶ୍ରୀସେତୁକୁ ଏକ ପର୍ଯ୍ୟଟନ ସ୍ଥାନ ଭାବେ ସୁସଜ୍ଜିତ କରାଯାଉଛି।





ଶ୍ରୀଚୈତନ୍ୟଙ୍କ ଭକ୍ତି ବିଭୋର ମୁଦ୍ରା ହେଉ ଅବା କାଞ୍ଚି ଅଭିଯାନରେ ଯିବା ବେଳେ ମାଣିକ ଗଉଡୁଣିର ଦହି ବିକ୍ରି କଥା। ଅବଢ଼ା କୁଡୁଆ ହେଉ ଅବା ତାଳପତ୍ର ଭୋଗେଇ। ବଳରାମ ଦାସଙ୍କ ବାଲି ରଥ ଗଢ଼ିବାର ଦୃଶ୍ୟଠୁ ନେଇ ବିଷ୍ଣୁ ଅବତାର; ସବୁର ନିଦର୍ଶନ ଦେଖିବାକୁ ମିଳିବ ପଥର ଭାସ୍କର୍ଯ୍ୟରେ। ନୀଳଚକ୍ରର ଶୋଭା ବଢ଼ାଉଥିବା ଫରଫର ପତିତପାବନ ବାନାଠୁ ନେଇ ଗରୁଡ଼, ରାମାନନ୍ଦୀ ତିଳକ, ମହାପ୍ରଭୁଙ୍କ ଶଙ୍ଖ, ଚକ୍ର, ଗଦା, ପଦ୍ମ, କଠଉ, କୁଡୁଆରେ ଶ୍ରୀମନ୍ଦିରର ଭାସ୍କର୍ଯ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶୋଭା ପାଇବ। ପଥର ନିର୍ମିତ ସିଂହ ମୂର୍ତ୍ତି ଓ ଶଙ୍ଖ ଚକ୍ର ମଧ୍ୟ ଭାଗରେ ଭକ୍ତଙ୍କୁ ସ୍ୱାଗତ କରିବ। କିଛି ଭାସ୍କର୍ଯ୍ୟ ଏପରି ଛିଡ଼ା ଭାରସାମ୍ୟରେ ସ୍ୱଳ୍ପ ସ୍ଥାନରେ ପଥର ଉପରେ ଦଣ୍ଡାୟମାନ ହୋଇଛି, ଯାହା ଦେଖିଲେ ଭକ୍ତ ଓ କଳାପ୍ରିୟ ବ୍ୟକ୍ତିମାନେ ଅଭିଭୂତ ହେବେ। ଏହିଭଳି ୩୦ଟି ପଥର କଳାକୃତି ଶ୍ରୀସେତୁର ଶୋଭାକୁ ଦ୍ୱିଗୁଣିତ କରୁଛି।

ଅବଢ଼ା (ଅଗମେଣ୍ଟେସନ ବେସିକ ଏମିନିଟିଜ ଆଣ୍ଡ ଡେଭଲପମେଣ୍ଟ ହଥ ହେରିଟେଜ ଆଣ୍ଡ ଆର୍କିଟେକଚର) ଯୋଜନାରେ ପ୍ରଥମ କରି ଓଡ଼ିଶାରେ ୧୬.୪୩ କୋଟି ବ୍ୟୟରେ ଟ୍ରମ୍ପେଟ ସଦୃଶ ଶ୍ରୀସେତୁ ନିର୍ମିତ ହୋଇଥିବା ବେଳେ ସେଥିରେ କିଛି ନୂତନତ୍ୱ ଭରିବା ପାଇଁ ସରକାର ପରିକଳ୍ପନା କରିଥିଲେ। ଏନେଇ '୫-ଟି' ଅଧ୍ୟକ୍ଷ ବାରମ୍ବାର ଶ୍ରୀସେତୁକୁ ନିରୀକ୍ଷଣ କରିବା ସହ ଦୁଇ ପାର୍ଶ୍ୱକୁ ଶ୍ରୀଜଗନ୍ନାଥ ସଂସ୍କୃତିର ଛାପ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସେତୁ ନିର୍ମାଣ ନିଗମ(ଓବିସିସି) ପକ୍ଷରୁ ପୁରୀରେ ପଥର କାରିଗରଙ୍କର ଏକ କର୍ମଶାଳା କରାଯାଇଥିଲା। ଭୁବନେଶ୍ୱରର ବିଭୂତି କାନୁନଗୋ କଲେଜ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟ (ବିକେ ଆର୍ଟ କଲେଜ) ସହଯୋଗରେ ଏହି କର୍ମଶାଳା କରାଯାଇଥିଲା। ୩୦ ଜଣ ସ୍ଥପତି ଓ ୩୦ ଜଣ ସହାୟକ, ଏହିଭଳି ମୋଟ ୬୦ ଜଣ କାରିଗର ପଥରରେ ଶ୍ରୀକ୍ଷେତ୍ରର ଭାସ୍କର୍ଯ୍ୟ ଉତାରିଥିଲେ। ଓବିସିସି ପକ୍ଷରୁ ସ୍ଥପତିମାନଙ୍କୁ ପ୍ରାୟ ୫ଫୁଟରୁ ୭ ଫୁଟ ପର୍ଯ୍ୟନ୍ତ ବଡ଼ବଡ଼ ବଉଳମାଳିଆ ପଥର ଯୋଗାଇ ଦିଆଯାଇଥିଲା। ଶ୍ରୀକ୍ଷେତ୍ରର ସଂସ୍କୃତିକୁ ନେଇ ସ୍ଥାପତ୍ୟ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ସେଇ କର୍ମଶାଳା ମାଧ୍ୟମରେ ପ୍ରସ୍ତୁତ ହୋଇଥିବା ପଥର ସ୍ଥାପତ୍ୟକୁ ଶ୍ରୀସେତୁର ଉଭୟ ପାର୍ଶ୍ୱରେ ସ୍ଥାନିତ କରାଯାଇଛି।

ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କମିଟି ସଦସ୍ୟ ତଥା ବିଶିଷ୍ଟ ସ୍ଥପତି ଭବାନୀ ମିଶ୍ରଙ୍କ ପରାମର୍ଶ କ୍ରମେ ପଥର ସ୍ଥାପତ୍ୟ ପ୍ରସ୍ତୁତ କରାଯାଇଥିଲା। ଏ ସଂକ୍ରାନ୍ତରେ ଶ୍ରୀ ମିଶ୍ର କହିଛନ୍ତି, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବାରମ୍ବାର ଶ୍ରୀସେତୁକୁ ନିରୀକ୍ଷଣ ପାଇଁ ଆସୁଥିଲେ। ଉଭୟପାର୍ଶ୍ୱରେ ପଥରର ଭାସ୍କର୍ଯ୍ୟ ନେଇ ଆଲୋଚନା ହେବା ପରେ ସେ ପଥର ସ୍ଥାପତ୍ୟଗୁଡ଼ିକ କେଉଁଠାରେ ସ୍ଥାନିତ ହେବ ଏବଂ କେଉଁଭଳି ସ୍ଥାପତ୍ୟ ଏହି ଶ୍ରୀସେତୁ ମଧ୍ୟରେ ସ୍ଥାନ ପାଇବ ସେ ବାବଦ ପରାମର୍ଶ ଦେଇଥିଲେ।

ଶ୍ରୀସେତୁର ନିର୍ମାଣ ଶୈଳୀ ଯେତିକି ଚମକ ଆଣିଛି, ତା' ମଧ୍ୟରେ ଭରପୂର କଳା ସ୍ଥାପତ୍ୟ ଏହାର ଶୋଭାକୁ ବହୁଗୁଣିତ କରୁଛି। ଭକ୍ତମାନେ ଗାଡ଼ି ନେଇ ପ୍ରବେଶ ଶ୍ରୀସେତୁକୁ ପ୍ରବେଶ ପଥରେ ପ୍ରଥମେ ଏକ ଶଙ୍ଖାକୃତି ଗାର୍ଡେନ ଦେଖିବେ। ସେଠାରୁ ଆସିବା ପରେ ସେତୁର ଉଭୟ ପାର୍ଶ୍ୱ ବାଡ଼ରେ ମାଣବସା ପାରମ୍ପରିକ ଝୋଟି ଚିତା ସହ ଉଭୟ ପାର୍ଶ୍ୱରେ ପଥରର ସ୍ଥାପତ୍ୟ ଦେଖିବେ। ମଧ୍ୟ ଭାଗ ଡିଭାଇଡର ଏବଂ ଉଭୟ ପାର୍ଶ୍ୱରେ ସବୁଜିମାର ଆକର୍ଷଣକୁ ମଧ୍ୟ ଉପଭୋଗ କରିବେ।



### ଏକବିଂଶତମ ରାଜ୍ୟସ୍ତରୀୟ ପୁସ୍ତକମେଳା ଉଦ୍‌ଯାପିତ

# ସାହିତ୍ୟ ହିଁ ବୌଦ୍ଧିକ ଆନ୍ଦୋଳନର ମୂଳ ଭତ୍ତିଭୂମି

କେନ୍ଦ୍ରାପଡ଼ା, ୧୫/୧ (ନି.ପ୍ର): – କେନ୍ଦ୍ରାପଡା ଟେଲିକମ୍ ପଡିଆରେ ଚାଲିଥିବା ଇଭେଂଟ ମ୍ୟାନେଜର୍ସ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗୀତାରେ ଅନୁଷ୍ଠିତ ଏକବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକମେଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ତଥା ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଡଃ ଅରବିନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ପରିବର୍ତ୍ତନ ଆଣିବାରେ ପୁସ୍ତକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ସମଗ୍ର ବିଶ୍ୱରେ ବୌଦ୍ଧିକ ଆନ୍ଦୋଳନର ଭିତିଭୂମି ପ୍ରକାଶୟ, ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ରାପଡାରେ ନିରବଚ୍ଛିନ୍ନ ଭାବେ ପୁସ୍ତକମେଳାରେ ଆୟୋଜନ ହେବା ଏକ ବଡ ଉଦାହରଣ । ଉତ୍ସବରେ ସମ୍ମାନୀତ ବକ୍ତାଭାବେ ଯୋଗଦେଇ ବିଶିଷ୍ଟ କବି ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ ସାହିତ୍ୟ ହିଁ ସଭ୍ୟତାର ବାହକ ବୋଲି ମତ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ଆଂଚଳିକ କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଡ. ମିହିର ସାହୁ, ସାମ୍ବାଦିକ, ସାହିତ୍ୟିକ, ଗାଳ୍ପିକ ଚିତରଞ୍ଜନ ଚିରଞ୍ଜିତ୍, ଗାଳ୍ପିକା ଓ ଉପନ୍ୟାସିକା ସୁନନ୍ଦା ପ୍ରଧାନ ଯୋଗଦେଇ ବିଶ୍ୱ ସାହିତ୍ୟକୁ ଓଡିଆ ସାହିତ୍ୟର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ତେବେ କେନ୍ଦ୍ରାପଡା ପୁସ୍ତକମେଳାର ଆୟୋଜକମାନଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ । ଏଥିରେ କେମ୍‌ର ସଭାପତି ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ମହମ୍ମଦ ଜାହିଦ୍ ଖାନ୍ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ୧୧ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା ବୋଲି ସେ ପ୍ରକାଶ କରିଥିଲେ। ପ୍ରଥମେ ସଦସ୍ୟ ସମ୍ବିତ୍ ଶ୍ରୀଚନ୍ଦନ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ସଦସ୍ୟ ମାତୃଦତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିଶୁ କଳାକାର ଜିଜ୍ଞାସା ତ୍ରିପାଠୀ ଗୀତାପାଠ କରିଥିଲେ । ଡଃ ରଞ୍ଜନ ପ୍ରଧାନଙ୍କର 'ଘରଣୀ ପେନୁ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା । ଏହି ଅବସରରେ କେମ ପକ୍ଷରୁ ଡଃ ଚିତରଞ୍ଜନ ଚିରଞ୍ଜିତଙ୍କୁ 'ପୁସ୍ତକମେଳା ଯୁବ ସାହିତ୍ୟ' ସମ୍ମାନ, ବିଶିଷ୍ଟ କବି ଓ ପ୍ରକାଶକ ସଦାଶିବ ଦାସଙ୍କୁ 'କେମ୍ ଶ୍ରେଷ୍ଠ ପ୍ରକାଶକ' ସମ୍ମାନ, ଗବେଷକ ଓ ସାହିତ୍ୟିକ ନିରଞ୍ଜନ ମେକାପଙ୍କୁ 'କେମ୍ ସାହିତ୍ୟ' ସମ୍ମାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ 'କେମ୍ ସେବା' ସମ୍ମାନରେ ପୁଷ୍ପଗୁଛ, ଉତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଦିନ ୧୧ଟା ବେଳେ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ଆନୁକୂଲ୍ୟରେ ବିଶିଷ୍ଟ ଗୀତିକାର ଚିରସବୁଜ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଅକ୍ଷୟ ମହାନ୍ତି ସ୍ମୃତି ସଙ୍ଗୀତ ପ୍ରତିଯୋଗୀତା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଚିତ୍ରଭାନୁ ମହାନ୍ତି, ଉମାକାନ୍ତ ଜେନା, ବିଜୟ ଶୁକ୍ଳା, ଗଣେଶ ସାମଲ, ଭାନୁପ୍ରିୟା ଖଟୁଆ ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ସମାଜସେବୀ ଇଂ ମୁରଲିଧର ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ସଭା ପରିଶେଷରେ ଜେନିଥ୍ ଇ ର୍ନ୍ୟାସ୍‌ନାଲ ସ୍କୁଲ ଦ୍ୱାରା ବାଳିକା ଶିକ୍ଷା ଆଧାରିତ ସୃଜନଶୀଳ ନାଟକ 'ରେବତୀ' ପରିବେଷଣ କରାଯାଇଥିଲା । ପୁସ୍ତକମେଳାର ଏହି ସମସ୍ତ କାର୍ଯ୍ୟକ୍ରମକୁ କେମ୍‌ର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ତତ୍ତ୍ୱାବଧାନରେ ନବଜ୍ୟୋତି ରାୟ, ଯଯାତି ମହାନ୍ତି, କ୍ଷୀରୋଦ କର, ଶେଷଦେବ ଦାସ, ଭବାନୀ ଓଝା, ଅମ୍ରିନ ସାହାଦତ, ଲକ୍ଷ୍ମୀକାନ୍ତ ନାୟକ, ଧର୍ମଦର୍ଶୀ କର, ହିମାଂଶୁ ଦାସ, ମିର୍ ମୁର୍‌ସିଦ୍, ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରତାପ ସ୍ୱାଇଁ, ବଂଶୀଧର ମହାନ୍ତି, ପ୍ରଦ୍ୟୁମ୍ନ ବେହୁରା, ରଞ୍ଜନ କୁମାର ବିଶ୍ୱାଳ, ଜ୍ୟୋତିରଞ୍ଜନ ନାୟକ, ତାରିଣୀ ପାଟଯୋଶୀ, ମୃତ୍ୟୁଞ୍ଜୟ ପରିଡା ପ୍ରମୁଖ ପରିଚାଳନା କରିଥିଲେ । କୁହାଯାଏ ବହି ହିଁ ମଣିଷର ପ୍ରକୃତ ବନ୍ଧୁ । ଏହାର ଭରପୁର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି ଜାନୁଆରୀ ୬ ତାରିଖଠାରୁ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହୋଇଥିବା ପୁସ୍ତକମେଳାରେ ପାଠକଙ୍କ ସଂପୃକ୍ତି ଓ ବହି କିଣାବିକାର ବିଭିନ୍ନ ବହିର ଚାହିଦା । ବିଶେଷକରି କେନ୍ଦ୍ରାପଡା ଜିଲ୍ଲାର ପ୍ରସିଦ୍ଧ ପ୍ରାକୃତିକ ପର୍ଯ୍ୟଟନ ଭିତରକନିକା ବିଶେଷଙ୍କ ସାଧାରଣ ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିବାର ପରିଲକ୍ଷିତ ହେଉଛି । ୩୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶନ ସଂସ୍ଥାମାନେ ଯୋଗଦେଇ ବହୁଳ ବିକ୍ରି ହୋଇଥିବା ବିକ୍ରେତାମାନେ ପ୍ରକାଶ କରିଛନ୍ତି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗର ଜାତୀୟ ସମ୍ମାନ

କେନ୍ଦ୍ରାପଡ଼ା, ୧୫/୧ (ନି.ପ୍ର): (ହି.ସ.) – ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗ ଆନୁକୂଲ୍ୟରେ "Mathematics Behind Security of Online Transactions" ଏବଂ "Pigeonhole Principal" ଶୀର୍ଷକ ଏକ ଜାତୀୟ ସେମିନାର୍ ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାର୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର୍ ଡ଼ ସୁଦର୍ଶନ ପାଢୀ ଏବଂ ଏନ୍.ଇ.ଆର୍.ଆଇ.ଏସ୍.ଟି, ଇଟାନଗର, ଅରୁଣାଚଳ ପ୍ରଦେଶର ପୂର୍ବତନ ପ୍ରଫେସର୍ ଡ଼କ୍ଟର ପ୍ରମୋଦ କୁମାର ଦାସ ରିସୋର୍ସ ପର୍ସନ ଭାବରେ ଯୋଗଦେଇ ଉକ୍ତ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଜ୍ୟୋତ୍ସ୍ନାମୟୀ ପତି ଅତିଥି ପରିଚୟ ପ୍ରଦାନ ଏବଂ ଡ଼ ମଥୁରୀ ଚରଣ ନାୟକ ସମ୍ମାନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ରାଜେନ୍ଦ୍ର କୁମାର ସାହୁ ଏହି ସମ୍ମାନକୁ ପରିଚାଳନା କରିଥିଲେ ଏବଂ ଅଧ୍ୟାପିକା ନିବେଦିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସମସ୍ତ ବର୍ଗର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କୁ ପୁରୁଣା ପେନ୍‌ସନ ଦାବି

ଭୁବନେଶ୍ୱର,୧୪ ଜାନୁଆରୀ - ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ପ୍ରାୟ ଏକଲକ୍ଷ ତିରିଶ ହଜାର ପ୍ରାଥମିକ ଶିକ୍ଷକ, ବାଇଶି ହଜାର ଏକ୍ସ-କ୍ୟାଡ଼ର ଶିକ୍ଷକ (ପୂର୍ବତନ ଗଣଶିକ୍ଷକ) ଓ ନୂତନ ଅନୁଦାନପ୍ରାପ୍ତ (ପୂର୍ବତନ ବ୍ଲକଗ୍ରାଂଟ) ପ୍ରାପ୍ତ ହାଇସ୍କୁଲ୍ ଓ କଲେଜ ଗୁଡ଼ିକର ପ୍ରାୟ ପଚାଶ ହଜାର ଶିକ୍ଷକ-ଅଧ୍ୟାପକ-କର୍ମଚାରୀ ପୁରାତନ ପେନ୍‌ସନ ସ୍କିମ (ଓ.ପି.ଏସ୍)ରୁ ବଞ୍ଚିତ। ପ୍ରାଥମିକ ବିଦ୍ୟାଳୟର ଏକଲକ୍ଷ ତିରିଶ ହଜାର ଓ ହାଇସ୍କୁଲ୍ ଚୁକ୍ତିଭିତ୍ତିକ ନିଯୁକ୍ତ ପ୍ରାୟ ତିରିଶ ହଜାର ଶିକ୍ଷକମାନଙ୍କୁ ଅମାନବୀୟ ଏନ୍.ପି.ଏସ୍ ସହ ସାମିଲ୍ କରାଯାଇଛି। ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲର ପ୍ରାୟ ୪ହଜାର ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀ, ପ୍ରାଥମିକ ବିଦ୍ୟାଳୟର ଏକ୍ସ-କ୍ୟାଡ଼ର ଶିକ୍ଷକ, ସ୍ୱତନ୍ତ୍ର ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀ, ୬୬୨ ବର୍ଗର ଅଧ୍ୟାପକ-କର୍ମଚାରୀ ଓ ୨୦୦୮ ମସିହା ପରେ ମହାବିଦ୍ୟାଳୟ ଗୁଡ଼ିକରେ ପରିଚାଳନା ସମିତି ଦ୍ୱାରା ନିଯୁକ୍ତ ପ୍ରାୟ ସାତ ହଜାର ଅଧ୍ୟାପକ-କର୍ମଚାରୀ ଦୀର୍ଘଦିନ ହେଲା ଆନ୍ଦୋଳନରତ।

ଏଣୁ ସମସ୍ତ କାର୍ଯ୍ୟରତ ନୂତନ ପେନସନ ସ୍କିମ୍ ଅନ୍ତର୍ଭୁକ୍ତ ଶିକ୍ଷକ-କର୍ମଚାରୀ, କାର୍ଯ୍ୟରତ ଓ ଅବସରପ୍ରାପ୍ତ ସମସ୍ତ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ-ଅଧ୍ୟାପକ-କର୍ମଚାରୀ ସହ ସମସ୍ତ ଏକ୍ସ-କ୍ୟାଡ଼ର ଶିକ୍ଷକ ଓ ମହାବିଦ୍ୟାଳୟ ଗୁଡ଼ିକରେ ୨୦୦୮ ମସିହା ପରବର୍ତ୍ତୀ ନିଯୁକ୍ତ ସମସ୍ତ ଅଧ୍ୟାପକ-କର୍ମଚାରୀଙ୍କୁ ନିୟମିତ କରି ପୁରାତନ ପେନସନ ଯୋଜନାରେ ସାମିଲ୍ କରିବା ପାଇଁ ଡି.ଟି.ଓ ଦୃଢ ଦାବୀ କରିଛି । ଶିକ୍ଷକ ସମାଜ ମର୍ଯ୍ୟାଦାର ସହ ବଞ୍ଚି ରହିବା ପାଇଁ ପ୍ରାୟ ଦୁଇଲକ୍ଷ ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ପୁରାତନ ପେନସନ ସ୍କିମ୍ କାର୍ଯ୍ୟକାରୀ ନକଲେ ଓ ନିକଟରେ ହାଇକୋର୍ଟ ଦେଇଥିବା ନୂତନ ଗ୍ରାଣ୍ଟ-ଇନ୍-ଏଡ୍ ପାଇଥିବା ଅବସରପ୍ରାପ୍ତ ଶିକ୍ଷକମାନଙ୍କ ପକ୍ଷରେ ଦେଇଥିବା ରାୟକୁ ସମସ୍ତ ବର୍ଗର ଶିକ୍ଷକଙ୍କ ପାଇଁ କାର୍ଯ୍ୟକାରୀ ନକଲେ ଡି.ଟି.ଓ ରାଜ୍ୟର ସମସ୍ତ ଶିକ୍ଷକ ସଂଗଠନମାନଙ୍କ ସହାୟତାରେ ଏକ ଦୁର୍ବାର ଶିକ୍ଷକ ଆନ୍ଦୋଳନ କରିବ ବୋଲି ଡେମୋକ୍ରାଟିକ ଟିଚର୍ସ ଅର୍ଗାନାଇଜେସନର ରାଜ୍ୟ ସଭାପତି ବିଭୂତି ଭୂଷଣ ନାୟକ, ସମ୍ପାଦକ ନୃସିଂହ ଚରଣ ପଣ୍ଡା, କ୍ଷୀରୋଦ ଚନ୍ଦ୍ର କର, କେଶବ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପକ ଲକ୍ଷ୍ମୀଧର ସାମଲ୍ ଇତ୍ୟାଦି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

### 'କୃଷି ଓଡ଼ିଶା-୨୦୨୪' ଉଦ୍‌ଯାପିତ : 'କୃଷି ଓଡ଼ିଶା ମହିଳା କୃଷକଙ୍କ ସମୃଦ୍ଧି ଓ ସଶକ୍ତିକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବ'

# 'କୃଷିକ୍ଷେତ୍ର ସହିତ କୃଷି ଶିକ୍ଷା କ୍ଷେତ୍ରରେ ମଧ ମହିଳାମାନଙ୍କର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି' :ରାଜ୍ୟପାଳ ଶ୍ରୀ ରଘୁବର ଦାସ

ଭୁବନେଶ୍ୱର, ୧୫/୧ (ନି.ପ୍ର): ମହିଳାଙ୍କ ବିନା କୌଣସି ରାଷ୍ଟ୍ରର ପ୍ରଗତିର କଳ୍ପନା କରିହେବ ନାହିଁ । ଭାରତର ତଥା ରାଜ୍ୟର ବିକାଶରେ ମାତୃଶକ୍ତିର ଯେଉଁ ଯୋଗଦାନ ରହିଛି, ଦୁନିଆରେ ତା'ର ତୁଳନା ନାହିଁ । କୃଷି କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଦୁଇପାଦ ଆଗକୁ ଯାଇ କାମ କରୁଛନ୍ତି । କୃଷି, ପ୍ରାଣୀପାଳନ, ମତ୍ସ୍ୟଚାଷ ଆଦି ସବୁଥିରେ ମହିଳାମାନେ ଅଗ୍ରଣୀ ଭୂମିକା ନିର୍ବାହ କରି ରାଜ୍ୟର ବିକାଶରେ ସେମାନଙ୍କ ଯୋଗଦାନକୁ ପ୍ରତିପାଦନ କରିଛନ୍ତି ବୋଲି ରାଜ୍ୟପାଳ ଶ୍ରୀ ରଘୁବର ଦାସ କହିଛନ୍ତି । ଆଜି କୃଷି ଓଡ଼ିଶା-୨୦୨୪ର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ କୃଷି ଉତ୍ପାଦକ ଓ ଉତ୍ପାଦିକତାର ଅଧିକ ବୃଦ୍ଧି କରି ରାଜ୍ୟର ଶସ୍ୟଭଣ୍ଡାରକୁ ସମୃଦ୍ଧ କରିବା ପାଇଁ କୃଷକମାନଙ୍କୁ ଅଧିକ ପରିମାଣର ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳ ଓ ଆଧୁନିକ ସୁବିଧାସୁଯୋଗ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା କୃଷିକୁ ଏକ ନୂତନ ଶିଖରରେ ପହଞ୍ଚାଇବା ପାଇଁ କୃଷକମାନଙ୍କ ନିକଟରେ ସାମର୍ଥ୍ୟ ରହିଛି ବୋଲି ସେ କହିଥିଲେ । ମହିଳା ଚାଷୀମାନଙ୍କୁ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ବ୍ୟବହାର କରିବା ଲାଗି ଆହ୍ୱାନ ଦେବା ସହ ନିଜ ଉପିାଦର ଭଲ ପ୍ୟାକେଜିଂ ଓ ମାର୍କେଟିଂ କରିବା ଉପରେ ଧ୍ୟାନ ଦେବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ କହିଛନ୍ତି । ଜନଜାତି ଅଂଚଳରେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ଯୋଗଦାନ ଢ଼େର ଅଧିକ । ସେମାନଙ୍କ ପାଇଁ ପରିବାର ପ୍ରତିପୋଷଣ ସମ୍ଭବ ହେଉଛି । ଗ୍ରାମୀଣ କ୍ଷେତ୍ରର ବିକାଶ ହେଲେ ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରିବ ଏବଂ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ସେ କହିଛନ୍ତି । ରାଜ୍ୟର ମିଶନ ଶକ୍ତି ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରି ମହିଳାମାନେ ଜୀବିକାର୍ଜନ ସହ ଆୟବୃଦ୍ଧି କରିପାରୁଛନ୍ତି । କୃଷିକ୍ଷେତ୍ର ସହିତ କୃଷି ଶିକ୍ଷା କ୍ଷେତ୍ରରେ ମଧ ମହିଳାମାନଙ୍କର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ସେ କହିଥିଲେ । 'କୃଷି ଓଡ଼ିଶା' ମହିଳା କୃଷକଙ୍କ ସମୃଦ୍ଧି ଓ ସଶକ୍ତିକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ । 'କୃଷି ଓଡ଼ିଶା' ରାଜ୍ୟରେ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ଥିବା ଅପାର ସମ୍ଭାବନା ଓ ନିବେଶ ସୁଯୋଗକୁ ପ୍ରଦର୍ଶିତ କରିଛି । ଓଡ଼ିଶା ଫସଲ ଉତ୍ପାଦନ ଏବଂ ଉତ୍ପାଦିକତାରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ କୃଷିକର୍ମଣ ପୁରସ୍କାର ପ୍ରାପ୍ତ ହେବା ରାଜ୍ୟ ପାଇଁ ତଥା କୃଷକଙ୍କ ପାଇଁ ଗୌରବର ବିଷୟ ବୋଲି ମାନ୍ୟବର ରାଜ୍ୟପାଳ କହିଥିଲେ । ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ସବଡିଭିଜନ ସ୍ତରରେ ଆୟୋଜନ କରାଯାଇଥିବା ମେଳା ବେଶ ସଫଳ ହୋଇଛି । ପ୍ରାୟ ୧୪୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି କାରବାର ସହ ୫୦୦ କୋଟି ଟଙ୍କାର ସବ୍‌ସିଡି ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ଚାଷୀଙ୍କ ହାତକୁ ଟଙ୍କା ଦେବା, ରୋଜଗାର ସୃଷ୍ଟି କରିବା ଓ ଉପିାଦନ ବଢ଼ାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଚଳିତ ସବ୍‌ଡିଭିଜନ୍‌ସ୍ତରୀୟ କୃଷି ମେଳାର ସଫଳତା ଦୃଷ୍ଟିରୁ ଆଗାମୀ ଦିନରେ କୃଷି ଯନ୍ତ୍ରପାତି ମେଳାକୁ ବ୍ଲକ୍ ସ୍ତରରେ ଆୟୋଜନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି । ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଛନ୍ତି ଯେ, ଜଳ ବିନା ଚାଷ କାମ ହୋଇପାରିବନି । ତେଣୁ ଜଳ ସମ୍ପଦ ବିଭାଗ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଉଛି । ରାଜ୍ୟ ସରକାର ମହିଳାମାନଙ୍କ ଉନ୍ନତିକୁ ପ୍ରାଥମିକତା ଦେଉଥିବାବେଳେ ସେମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି । ଅର୍ଥନୀତିର ପ୍ରତିଟି କ୍ଷେତ୍ରରେ ସେମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି । କୃଷି ଓ କୃଷକ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି ଯେ, କୃଷି କ୍ଷେତ୍ରର ନିରନ୍ତର ରୂପାନ୍ତରଣ ପାଇଁ ମହିଳାମାନଙ୍କ ଯୋଗଦାନ ନିତାନ୍ତ ଆବଶ୍ୟକ। ସେମାନଙ୍କ ଯୋଗଦାନ ବିନା ଏହି କ୍ଷେତ୍ରର ପ୍ରଗତି ଅସମ୍ଭବ। ସରକାର ମହିଳା ଚାଷୀମାନଙ୍କୁ ନଜରରେ ରଖି ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଛନ୍ତି। ସେମାନଙ୍କ ସମୃଦ୍ଧି ଓ ସମ୍ମାନରେ ଉନ୍ନତି ଆଣିବା ଲାଗି ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଡ. ପାଢ଼ୀ ପ୍ରକାଶ କରିଛନ୍ତି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଫାକଲ୍‌ଟି ଡେଭଲପ୍‌ମେଂଟ୍ ପ୍ରୋଗ୍ରାମ୍

କେନ୍ଦ୍ରାପଡ଼ା, ୧୫/୧ (ନି.ପ୍ର): – ତୁଳସୀ ମହିଳା ମହାବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଏକ ସାମର୍ଥ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଉଚ୍ଚଶିକ୍ଷା ବିଭାଗର ଆଂଚଳିକ ଉପ ନିର୍ଦ୍ଦେଶକ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ପ୍ରଧାନ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟ ମାଧମରେ ଅଂଶୀଦାରିତା, ଯତ୍ନଶୀଳତା ଓ ସାହସୀକତା ଉପରେ ଗୁରତ୍ୱ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତର ସମ୍ପଦଭାବେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରା ସଭାପତିତ୍ୱ କରିଥିଲେ। ଡ଼ ମଥୁରୀ ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ଗଣିତ ବିଭାଗର ମୂଖ୍ୟା ଜ୍ୟୋତ୍ସ୍ନାମୟୀ ପତି ଧନ୍ୟବାଦ ଅର୍ପଣ କରିଥିଲେ। ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଦିନକୁ ସରକାରୀ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୧ (ନି.ପ୍ର): ଆସନ୍ତା ଜାନୁଆରୀ ୧୭ ତାରିଖ ଦିନ ପୁରୀଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଭକ୍ତି ଓ ଉତ୍ସାହର ସହିତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରକଳ୍ପ ହେବ ଓଡିଆ ଅସ୍ମିତାର ଅନନ୍ୟ ନିଦର୍ଶନ। ଜଗତର ନାଥ ଓ ଆରାଧ ଦେବତା ତଥା ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତମାନେ ଯେପରି ଆନନ୍ଦର ସହ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ନିବେଦନ କରିପାରିବେ ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଜାନୁଆରୀ ୧୭ ତାରିଖ ଦିନଟିକୁ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି । ଆସନ୍ତା ଜାନୁଆରୀ ୧୭ ତାରିଖ ଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ସ୍କୁଲ ଓ କଲେଜ ବନ୍ଦ ରହିବ ।

## ଜଗମୋହନ ଉଚ୍ଚ ବିଦ୍ୟାଳୟର ୧୯୮୫ ବ୍ୟାଚର ବନ୍ଧୁ ମିଳନ

କେନ୍ଦ୍ରାପଡ଼ା, ୧୪ ଜାନୁଆରୀ(ହି.ସ.) – କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଜଗମୋହନ ଉଚ୍ଚ ବିଦ୍ୟାଳୟର ୧୯୮୫ ବ୍ୟାଚ ଛାତ୍ରଛାତ୍ରୀଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଛାତ୍ର ରବିନ୍ଦ୍ର ସାମଲଙ୍କ ଆବାହକତ୍ୱରେ ଓ ପବିତ୍ର ପରିଡାଙ୍କର ସଂଯୋଜନାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସ୍କୁଲର ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପରିଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଜାତୀୟ ସଂଗୀତ ଓ ଗୁରୁ ବନ୍ଦନା ଅନୁଷ୍ଠିତ ହୋଇଥିଲା । ଆୟୋଜକଙ୍କ ଦ୍ୱାରା ସମସ୍ତ ଅତିଥିମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇ ଥିଲା । ଉପସ୍ଥିତ ଥିବା ଶିକ୍ଷକ ମାନେ ଓ ଗ୍ରାମର ବରିଷ୍ଠ ନାଗରିକମାନେ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶିର ରାଉତ, ଚିତ ରଞ୍ଜନ ରାଉତ, ମଦନ ନାୟକ, ଧନେଶ୍ୱର ସ୍ୱାଇଁ, ବେଣୁଧର ନାୟକ, ନାରାୟଣ ସରକାର, ସମର ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ରାଜ୍ୟ ସରକାରଙ୍କ ମିଛ ମାମଲା ଏବଂ ଲାଠିକୁ ଯୁବମୋର୍ଚ୍ଚା ଖାତିର କରେ ନାହିଁ: ଅଭିଲାଷ ପଣ୍ଡା

ଭୁବନେଶ୍ୱର, ୧୪ ଜାନୁଆରୀ - ଓଡ଼ିଶାରେ ଭ୍ରଷ୍ଟାଚାର ଶାସନ ଚାଲିଛି। ଏହି ଭ୍ରଷ୍ଟାଚାର ଶାସନ ବିରୋଧରେ ଯିଏ ମୁହଁ ଖୋଲିଛି ତାହାକୁ ପୋଲିସ ନିର୍ଯ୍ୟାତନା ଦେଉଛି। ଓଡ଼ିଶା ପୋଲିସ ଏବେ ବିଜୁ ଜନତା ଦଳର ଗୁଣ୍ଡାସାଜି କାର୍ଯ୍ୟ କରୁଛି । ବିଜୁ ଜନତା ଦଳ ମହାପ୍ରଭୁ ଜଗନ୍ନାଥଙ୍କୁ ବ୍ୟବହାର କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନାଁରେ ପ୍ରତି ୱାର୍ଡକୁ ଯେଉଁ ୫ଲକ୍ଷ ଟଙ୍କା ଦେଉଛନ୍ତି ତାହାର ହିସାବ ରାଜ୍ୟ ସରକାର ଦିଅନ୍ତୁ ବୋଲି ଗତ ୧୧ତାରିଖ ଦିନ ବିଏମ୍‌ସିର ୨୯ନଂ କର୍ପୋରେଟର ତଥା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଜୀବନ ରାଉତ ଦାବି କରିଥିଲେ । ଏହାପରେ ଗତ ୧୨ତାରିଖ ଦିନ ରାତିରେ ଜୀବନ ରାଉତଙ୍କୁ ଉଠାଇ ଅମାନୁଷିକ ବ୍ୟବହାର ଏବଂ ପିସିଆର ଭିତରେ ନୃଶଂସଭାବେ ଅତ୍ୟାଚାର କରି ଓଡ଼ିଶା ପୋଲିସ ତାଙ୍କୁ ଗିରଫ କରିଥିଲା । ଗିରଫ ପରେ ଜୀବନଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ଅତ୍ୟନ୍ତ ନୃଶଂସଭାବେ ମାଡ ମାରିଥିଲା । ଏହାପରେ ପ୍ରାଣ ରକ୍ଷା ପାଇଁ ଜୀବନ ରାଉତ ପାଣି ମାଗୁଥିବା ସମୟରେ ତାଙ୍କ ପାଟିରେ ଲାଠି ପୁରାଇ ଦେଇଥିଲା ପୋଲିସ । ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଓଡ଼ିଶା ସ୍ତବ୍ଧ ହୋଇଯାଇଛି । ରାଜ୍ୟ ସରକାର ସ୍ୱାଭିମାନି ଯୁବକଙ୍କ ପାର୍ଟି ଚୁପ୍ ପାଇଁ ପ୍ରଶାସନକୁ ବ୍ୟବହାର କରୁଛି । ଯୁବବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମୋନଭାବ ପାଇଁ ଆଜି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କ ନେତୃତ୍ୱରେ ଶହ ଶହ ଯୁବକ ଭୁବନେଶ୍ୱରର ରାମମନ୍ଦିର ଛକରେ ନବୀନ ପଟ୍ଟନାୟକ ଏବଂ ପୋଲିସର କୁଶପୁତଳିକା ଦାହ କରିଛନ୍ତି । ରାଜ୍ୟ ସରକାର ତୁରନ୍ତ ଜୀବନ ରାଉତଙ୍କୁ ସମ୍ମାନର ସହ ଜେଲ୍‌ରୁ ଛାଡନ୍ତୁ ଏବଂ ଯେଉଁ ପୋଲିସ ଗୁଣ୍ଡାମାନେ ତାଙ୍କ ପ୍ରତି ଅସଭ୍ୟଭାଷା ବ୍ୟବହାର କରିଛନ୍ତି ସେମାନଙ୍କୁ ଚାକିରୀରୁ ବହିଷ୍କାର କରିବା ପାଇଁ ଶ୍ରୀ ପଣ୍ଡା ଦାବି କରଛନ୍ତି । ରାଜ୍ୟ ସରକାରଙ୍କ ମିଛ ମାମଲା ଏବଂ ଲାଠିକୁ ବିଜେପି ଯୁବମୋର୍ଚ୍ଚା ଖାତିର କରେ ନାହିଁ । ଓଡିଶାରେ ପୋଲିସଙ୍କ ଅତ୍ୟାଚାର ସୀମା ଉଲଘଂନ କରିଛି । ଏହି ପୋଲିସ ପ୍ରଶାସନ ବିରୋଧରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ । ଯଦି ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ନଦେବେ ତାହାଲେ ବିଜେପି ଯୁବମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି ।

## ୯ନଂ ୱାର୍ଡରେ ଅର୍ପଣ ରଥକୁ ବିପୁଳ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୫/୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୯ନଂ ୱାର୍ଡରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥକୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଶନିବାର ପାଦପଦ୍ମ ମନ୍ଦିର ନିକଟରୁ ଏହି ଅର୍ପଣ ରଥକୁ ପୌରଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ କାଉନସିଲର ନିରାକାର ସ୍ୱାଇଁ ଓ ଅଭୟ କୁମାର ବେହେରାଙ୍କ ସମେତ ଉମେଶ ଚନ୍ଦ୍ର ନାୟକ, ସୁକୁମାର ଦାସ, ଦାମୋଦର ମହାନ୍ତି, ଚଗଲି ଦଣ୍ଡିଆ, ପ୍ରକାଶ ପରିଡ଼ା, ଟିଭି କଲୋନୀ ଉପ ସଭାପତି ଧିରେନ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ରଥ ପରିକ୍ରମା ଆରମ୍ଭ କରାଇଥିଲେ । ଏହି ରଥ ୱାର୍ଡର ମାଧପୁର, ସାନ୍ତସାହି, ଥାନା କଲୋନୀ, ଟିଭି ସେଂଟର, ଜାଭିୟର ସ୍କୁଲ ଲେନ, ଗୋପ ଗ୍ରାମ, ଗୋପ ରେଳ ଷ୍ଟେସନ, ଭଗବାନପୁର, କେଶପୁର ପ୍ରଭୃତି ଗ୍ରାମର ପ୍ରତ୍ୟେକ ଘର ବୁଲି ମହିଳାମାନଙ୍କ ଦ୍ୱାରା ରଥକୁ ବ୍ୟାପକ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେବା ସହ ଅରୁଆ ଚାଉଳ, ଗୁଆ ସଂଗ୍ରହ କରିଥିଲେ ।

## ମକର ମେଳା ପାଇଁ ୩ ଦିନ ବନ୍ଦ ରହିବ ବଡମ୍ବା ଟି-ସେତୁ

ଭୁବନେଶ୍ୱର, ୧୪ ଜାନୁଆରୀ - ଆସନ୍ତାକାଲି ମକର ସଂକ୍ରାନ୍ତି । ତେବେ ଏହାପୂର୍ବରୁ ସିଂହନାଥ ପୀଠରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ବଡମ୍ବା ଟି-ସେତୁରେ ଗାଡି ଚଳାଚଳ ବନ୍ଦ କରାଯାଇଛି । ଏ ନେଇ ବଡମ୍ବା ତହସିଲଦାର ସୂଚନା ଦେଇଛନ୍ତି । ମକର ସଂକ୍ରାନ୍ତିରେ ବଡମ୍ବା ସିଂହନାଥ ପୀଠରେ ପ୍ରବଳ ଗହଳି ନେଇ ସେତୁ ଉପରେ କଟକଣା ଜାରି କରାଯାଇଛି । ଆସନ୍ତାକାଲି ଠାରୁ ୧୭ ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସେତୁ ଉପରେ ଜାରି ରହିବ କଟକଣା । କେବଳ ଜରୁରୀକାଳୀନ ଗାଡିକୁ ପୋଲିସ କରିଡରରେ ଛଡ଼ାଯିବ। ସେତୁର ଉଭୟ ପାର୍ଶ୍ୱରେ ବୈଦେଶ୍ୱର ଓ ବଡମ୍ବା ପୋଲିସର ହେବ କ୍ୟାମ୍ପ। ୨ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କର ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ସଜାଗ ରହିଛି ।

# ଗୋଁଣ୍ଡ ସମାଜ ଓଡ଼ିଶାର ପ୍ରମୁଖ ଜନଜାତି ସମାଜ, ବହୁତ ଆଗକୁ ଭାବୁଥିବାର ସମାଜ : ଧର୍ମେନ୍ଦ୍ର ପ୍ରଧାନ

ଆଠମଲ୍ଲିକ/ଅନୁଗୋଳ, ୧୪ ଜାନୁଆରୀ – ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରାଣ ପ୍ରତିଷ୍ଠା ବେଳେ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡାର ମନୋରମ ପରିବେଶରେ ଗୋଁଣ୍ଡ ସମାଜର ଆରାଧ ଦେବତା ଜଙ୍ଘାଦେଓଙ୍କ ପୀଠ ପ୍ରତିଷ୍ଠା ହେବା ଆନନ୍ଦର ମୁହୂର୍ତ୍ତ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟପାଳ ଶ୍ରୀ ରଘୁବର ଦାସଙ୍କ ସହ ଗୋଁଣ୍ଡ ସମାଜର "ସର୍ବୋଚ୍ଚ ପ୍ରକୃତି ଶକ୍ତି ଜଂଘା ପେନଠାନା (ପୀଠ) ପ୍ରତିଷ୍ଠା ଓ ନବନିର୍ମିତ ଦାରୁ ଦେବତାଙ୍କ ପେନଠାନା ପ୍ରବେଶ ଉତ୍ସବ"ରେ ସାମିଲ ହେବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପାଇଁ ଆଜି ଏକ ଗୌରବର ଦିନ । ଗୋଁଣ୍ଡ ସମାଜ ଆମ ରାଜ୍ୟ ଓଡ଼ିଶାର ପ୍ରମୁଖ ଜନଜାତି ସମାଜ । ବହୁତ ଆଗକୁ ଭାବୁଥିବାର ସମାଜ । ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଦୂରଦୃଷ୍ଟିରେ ଆମ୍ବସରମୁଣ୍ଡା ଗାଁ ସ୍ଥାପିତ ହୋଇଥିଲା । ଆଜି ଯେତେବେଳେ ଅଯୋଧ୍ୟାରେ ୫୦୦ ବର୍ଷ ପରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେଉଅଛି, ସେହି ସମୟରେ ଗୋଁଣ୍ଡ ସମାଜର ଆରାଧ ଦେବତା ପ୍ରଭୁ ଜଙ୍ଘାଦେଓଙ୍କ ଭବ୍ୟ କାର୍ଯ୍ୟକ୍ରମରେ ସାମିଲ ହେବା ମୋର ସୌଭାଗ୍ୟ । ଓଡ଼ିଆ ସଂସ୍କୃତି ଓ ଜନଜାତି ସଂସ୍କୃତିରେ ପ୍ରଭୁ ଜଂଘାଦେଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଂଶ ବୋଲି କୁହାଯାଏ । ଏହି ସଫଳ ଉଦ୍ୟମ ପାଇଁ କେନ୍ଦ୍ରମନ୍ତ୍ରୀ ଗୋଁଣ୍ଡ ସମାଜର ବ୍ୟକ୍ତିବିଶେଷ, ମାତୃଶକ୍ତି ବିଶେଷ ଭାବରେ ଯୁବ ସମାଜକୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ରାଜ୍ୟପାଳଙ୍କ କରକମଳରେ ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା । ଏ ନେଇ ଶ୍ରୀ ପ୍ରଧାନ ଖୁସି ପ୍ରକାଶ କରିବା ସହ କହିଛନ୍ତି ଯେ ୧୮୫୭ ମସିହା ବ୍ରିଟିଶ ବିରୋଧୀ ଲଢେଇରେ ବୀର ସୁରେନ୍ଦ୍ର ସାଏ ନେତୃତ୍ୱ ନେଇଥିଲେ । ଇତିହାସ ପୃଷ୍ଠାରେ ଅନାଲୋଚିତ ଅଜଣା ନାୟକ ମାନଙ୍କୁ ଖୋଜି ସେମାନଙ୍କୁ ରାଷ୍ଟ୍ରୀୟ ସ୍ତରରେ ପରିଚିତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଛନ୍ତି । ସୁରେନ୍ଦ୍ର ସାଏଙ୍କ ଶୌର୍ଯ୍ୟପୂର୍ଣ୍ଣ ଲଢେଇ ଏବଂ ତାଙ୍କ ସଶସ୍ତ୍ର ସଂଗ୍ରାମ ଆଜିର ଯୁବ ସମାଜକୁ ସର୍ବଦା ପ୍ରେରିତ କରିବ । ଆଜି ଗରିବ ଲୋକ ମାନଙ୍କର ଆସ୍ଥାର ନୂଆ ନେତୃତ୍ୱ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମହିଳାମାନେ ସଶକ୍ତିକରଣ ହେଉଛନ୍ତି । ୨୦୩୬ରେ ଆଉ ପ୍ରାୟ ୧୩ ବର୍ଷ ପରେ ଓଡିଶା ଭାଷାଭିତ୍ତିକ ରାଜ୍ୟ ଭାବରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ରେ ଆଉ ପ୍ରାୟ ୨୪ ବର୍ଷ ପରେ ଭାରତ ସ୍ୱାଧୀନତା ପାଇବାର ୧୦୦ ବର୍ଷ ପୂରଣ କରିବ । ଏହି ସମୟ ଭିତରେ ଆମେ ବିକଶିତ ଭାରତ ପ୍ରତି ନିଜର ଦାୟିତ୍ୱ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

## ଭାରତ ଯୋଡ଼ ନ୍ୟାୟ ଯାତ୍ରାର ଲୋଗୋ ଷ୍ଟିକରିଂ କଲା କଂଗ୍ରେସ

ଭୁବନେଶ୍ୱର, ୧୪ ଜାନୁଆରୀ - ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ଏ.ଆଇ.ସି.ସି ସଭାପତି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ରବିବାର ମଣିପୁରର ଇମ୍ଫାଲ ଠାରେ ଭାରତ ଯୋଡ ନ୍ୟାୟ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଭାରତ ଯୋଡୋ ନ୍ୟାୟ ଯାତ୍ରାର ଲୋଗୋର ଶତାଧିକ ଚାରି ଚକିଆ ଯାନର ଷ୍ଟିକରିଙ୍ଗ କରାଯାଇଛି। ପାଖାପାଖି ୧୦୦ ରୁ ଉର୍ଦ୍ଧ୍ୱ ୪ ଚକିଆ ଯାନରେ ଷ୍ଟିକରିଂ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବାଲେଶ୍ୱର ସଂସଦୀୟ କ୍ଷେତ୍ରର ନେତା ନବଜ୍ୟୋତି ପଟ୍ଟନାୟକ ଯୋଗ ଦେଇ କହିଥିଲେ ଯେ ଏହି ଯାତ୍ରା ମଣିପୁର ଇମ୍ଫାଲ ଠାରୁ ଆରମ୍ଭ ହୋଇ ମହାରାଷ୍ଟ୍ର ମୁମ୍ବାଇ ଠାରେ ସମାପ୍ତ ହେବ। ଏହି ଯାତ୍ରା ଦୀର୍ଘ ୬୬ ଦିନ ଧରି ଏବଂ ୧୫ ଟି ରାଜ୍ୟ ୧୧୦ ଟି ଜିଲ୍ଲା ଅତିକ୍ରମ କରିବ। ଓଡ଼ିଶାରେ ୪ ଦିନ ଧରି ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଦେଇ ୩୪୧ କିଲୋମିଟର ଅତିକ୍ରମ କରିବ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ କହିଥିଲେ ଯେ ସମ୍ବିଧାନର ସୁରକ୍ଷା, ସାମ୍ବିଧାନିକ ଅନୁଷ୍ଠାନର ନିରପେକ୍ଷତା, ଦୁର୍ନୀତି ଓ ଭ୍ରଷ୍ଟାଚାର, ଉପେକ୍ଷିତ ଜନତାକୁ ନ୍ୟାୟ, ଧନୀ ଓ ଗରିବିଙ୍କ ଭିତରେ ଦୂରତା ହ୍ରାସ, ଆକାଶ ଛୁଆଁ ଦରଦାମ ବୃଦ୍ଧି, ନାରୀ ସୁରକ୍ଷା ଓ ବେକାରୀ ସମସ୍ୟା ପ୍ରସଙ୍ଗରେ ଏହି ଭାରତ ଯୋଡ଼ ନ୍ୟାୟ ଯାତ୍ରା ଉର୍ଦ୍ଦିଷ୍ଟ। ଏହି ଯାତ୍ରା ହିଁ ସାଧାରଣ ଜନତାର ସ୍ୱର।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୬ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 16 JANUARY 2024
Vol.No. 35 ■ No.16 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଆରମ୍ଭ ହେଲା ମହାଯଜ୍ଞ: ବେଦମନ୍ତ୍ରରେ ପ୍ରତିଧ୍ୱନିତ ଧରାଧାମ

### ଶ୍ରୀମନ୍ଦିର ରୋଷଶାଳାରୁ ଆସିଲା ଅଗ୍ନି, ଚାରିଦ୍ୱାରରେ ବେଦପାଠ, ନାମ ସଂକୀର୍ତ୍ତନ



ପୁରୀ, ୧୫/୧ (ନି.ପ୍ର): ଦିନକ ପରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ। ଏଥିପାଇଁ ୧୦୮ଜଣ ଶୋତ୍ରୀୟ ବ୍ରାହ୍ମଣଙ୍କ ବେଦମନ୍ତ୍ରରେ ପ୍ରକମ୍ପିତ ହୋଇଛି ଧରାଧାମ। ମନ୍ତ୍ରପାଠରେ ଆହୁତି ଦେଇ ଯଜ୍ଞ ନାରାୟଣଙ୍କୁ କରାଯାଇଛି ଆବାହନ। ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠୀଙ୍କ ଚାରି ବେଦପାଠ ସହ ନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଛି ଚାରିଦିଗ। ଜୟ ଜଗନ୍ନାଥ ଧ୍ୱନୀରେ ମୁଖରିତ ହୋଇଛି ଖଣ୍ଡମଣ୍ଡଳ। ଲୋକାର୍ପଣ ଉତ୍ସବ ପାଇଁ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଆଜିଠାରୁ ଆରମ୍ଭ ହୋଇଛି ତିନିଦିନିଆ ଭବ୍ୟ ମହାଯଜ୍ଞ। ଶ୍ରୀମନ୍ଦିର ରୋଷଶାଳାରୁ ଅଗ୍ନି ଆସି ମୁଖ୍ୟ ଯଜ୍ଞକୁଣ୍ଡରେ ସଂଯୋଗ ପରେ ଦିଆଯାଇଛି ଘୃତ ଆହୁତି। ସୂର୍ଯ୍ୟୋଦୟରୁ ଆରମ୍ଭ ହୋଇଥିବା ଆଜିର ମହାଯଜ୍ଞ ପର୍ବ ସୂର୍ଯ୍ୟାସ୍ତ ପୂର୍ବରୁ ଶେଷ ହୋଇଛି। ପୁନର୍ବାର ୧୬ ତାରିଖରେ ସୂର୍ଯ୍ୟୋଦୟ ପରେ ସୂର୍ଯ୍ୟପୂଜା ଓ ଅନ୍ୟାନ୍ୟ ବିଧି ସହ ଯଜ୍ଞକୁଣ୍ଡରେ ଆହୁତି ଦିଆଯିବ। ଶ୍ରୀକ୍ଷେତ୍ର ହୋଇଛି ଉତ୍ସବମୁଖର ଓ ଶ୍ରୀଜଗନ୍ନାଥ ମନସ୍କ ହୋଇଛନ୍ତି ଭକ୍ତ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଏହି ଭବ୍ୟ ଆୟୋଜନକୁ ଚର୍ମଚକ୍ଷୁରେ ଦେଖିବା ପାଇଁ ଆରମ୍ଭ ହୋଇଛି ଭକ୍ତଙ୍କ ଭିଡ଼। ଲୋକାର୍ପଣ ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ପ୍ରକଳ୍ପକୁ ପ୍ରଦକ୍ଷିଣ କରି ଅନୁଭବ କରୁଛନ୍ତି ଭବ୍ୟ ଆନନ୍ଦ। ଆଜି ବି ଏଥିପାଇଁ ଶ୍ରୀକ୍ଷେତ୍ରରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଚୌହଦୀ ସହ ବଡ଼ଦାଣ୍ଡ ଓ ଶ୍ରୀକ୍ଷେତ୍ର ଲୋକାରଣ୍ୟ ହୋଇଛି। ଆଜି ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇଥିଲା ମହାଯଜ୍ଞ ପର୍ବ। ପ୍ରଥମେ ଅଖଣ୍ଡ ଦୀପ ସ୍ଥାପନ ପରେ ପଞ୍ଚକର୍ମ ସହ ମହାଯଜ୍ଞ ପାଇଁ ଷୋହଳ ଶାସନର ୪୮ଜଣ ଆଚାର୍ଯ୍ୟଙ୍କୁ ବରଣ ବିଧି ସଂପନ୍ନ ହୋଇଥିଲା। ଅପରାହ୍ଣ ପ୍ରାୟ ୩ଟାରେ ଅଗ୍ନିସଂସ୍କାର ବିଧି ସଂପନ୍ନ ହୋଇଥିଲା। ଯଜ୍ଞବେଦିରେ ମୁଖ୍ୟ ଯଜ୍ଞକୁଣ୍ଡ ସହ ଯଜ୍ଞବେଦିର ଚାରିଦିଗରେ ଚାରିଟି ଯଜ୍ଞକୁଣ୍ଡ ନିର୍ମିତ ହୋଇଥିଲା। ଗଜପତି ମହାରାଜାଙ୍କ ଦ୍ୱାରା ବରଣ ହୋଇଥିବା ବ୍ରାହ୍ମଣମାନେ ରୋଷଶାଳାରୁ ଅଗ୍ନି ଆଣି ମୁଖ୍ୟ ଯଜ୍ଞକୁଣ୍ଡ ସହ ଅନ୍ୟ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରିଥିଲେ। ପରେ ଘୃତାହୁତି, ଆରତି, ପୁଷ୍ପାଞ୍ଜଳି, ପ୍ରଦକ୍ଷିଣ ବିଧି ଅନୁଷ୍ଠିତ ହୋଇଥିଲା।

ଏହି ସମୟରେ ଚାରିଦ୍ୱାରରେ ବେଦପାଠୀଙ୍କ ବେଦପାଠ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ପ୍ରଦକ୍ଷିଣ ବେଳେ ନାମ ସଂକୀର୍ତ୍ତନ ଦଳ ବରଣୀୟ ବ୍ରାହ୍ମଣମାନଙ୍କୁ ପାଛୋଟି ନେଇଥିଲେ। ଦିନତମାମ ଆଜି ଶ୍ରୀମନ୍ଦିର ଚାରିପାଖରେ ବେଦପାଠ ସହ ନାମ ସଂକୀର୍ତ୍ତନ ଭକ୍ତିପୂତ ପରିବେଶ ସୃଷ୍ଟି କରିଥିଲା।

ଆସନ୍ତାକାଲି ସକାଳ ସାଢ଼େ ୭ଟାରୁ ସୂର୍ଯ୍ୟପୂଜା, ଧରିତ୍ରୀପୂଜା, ଗୋପୂଜା, ଶାଳାପ୍ରବେଶ ସହ ଯଜ୍ଞ, ଆରତି, ପୁଷ୍ପାଞ୍ଜଳି ଆଦି ବିଧି ଅନୁଷ୍ଠିତ ହେବ। ଆଜି ଭଳି ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ ଓ ଅନ୍ତଃପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ।

## ଇଡିକୁ ସିଏମ୍ ହାଉସ୍ ଡାକିଲେ ହେମନ୍ତ ସୋରେନ୍: ଏଥର ହେବ ଜେରା



ଝାଡଖଣ୍ଡ , ୧୫/୧: ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଇଡି ଗୋଟିଏ ପରେ ଗୋଟିଏ ଡେଡଲାଇନ୍ ଦେଇ ଚାଲିଥିବା ବେଳେ ଶେଷରେ ନିଜ ବୟାନ ରେକର୍ଡ କରିବା ପାଇଁ ରାଜି ହୋଇ ଯାଇଛନ୍ତି ଏହି ପୁରୁଖା ନେତା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଅଷ୍ଟମ ଥର ସମନ ଜାରି କରିବା ପରେ ଶେଷରେ ଜେରା ପାଇଁ ରାଜି ହୋଇଛନ୍ତି ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ। ଆସନ୍ତା ୨୦ ତାରିଖରେ ନିଜ ବୟାନ ରେକର୍ଡ କରିବାକୁ ପ୍ରସ୍ତୁତ ଥିବା ନେଇ ସେ ଇଡିକୁ ସୂଚିତ କରିଛନ୍ତି । ତେବେ ଏହି କାର୍ଯ୍ୟକ୍ରମ ଇଡି କାର୍ଯ୍ୟାଳୟ ନୁହେଁ ସିଏମ୍ ହାଉସ୍‌ରେ କରିବାକୁ ସେ ଜଣାଇଛନ୍ତି। ରାଞ୍ଚିର ବଡଗାଇ ଅଞ୍ଚଳରେ ହୋଇଥିବା ଜମି ଦୁର୍ନୀତି ମାମଲରେ ଇଡି ହେମନ୍ତ ସୋରେନ୍‌ଙ୍କ ବୟାନ ରେକର୍ଡ କରିବାକୁ ଚାହୁଁଛି। ଏଥିପାଇଁ ତାଙ୍କୁ ଅଗଷ୍ଟ ୧୪ରେ ପ୍ରଥମ ସମନ ଜାରି କରିଥିଲା। ଏହାପରେ ଥରକୁ ଥର ଇଡି ତାଙ୍କୁ ୭ ଥର ସମନ ଜାରି କରି ସାରିଥିବା ବେଳେ ସୋରେନ ଏହାକୁ ଏଡ଼ାଇ ଚାଲିଥିଲେ। ଗତ ଦୁଇ ଦିନ ପୂର୍ବେ ଇଡି ହେମନ୍ତ ସୋରେନ ଙ୍କୁ କଡ଼ା ସନ୍ଦେଶ ପଠାଇ ୧୬ରୁ ୨୦ ଜାନୁୟାରୀ ମଧ୍ୟରେ ନିଜ ବୟାନ ରେକର୍ଡ କରିବାକୁ ଇଡି ତାଗିଦ କରିଥିଲା। ଏପରିକି ସେ ଇଡ଼ି କାର୍ଯ୍ୟାଳୟକୁ ନ ଆସି ପାରିଲେ ଇଡି ତାଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ପାରିବ ବୋଲି ବି କୁହାଯାଇଥିଲା। ମାତ୍ର ଉକ୍ତ ସମୟରେ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ, ଏଥିନିମନ୍ତେ ମୁଖ୍ୟମନ୍ତ୍ରୀ ଦାୟୀ ରହିବେ ବୋଲି ଇଡି ଚେତାଇ ଦେଇଛି। ଗତ ୨୯ ଡିସେମ୍ବରରେ ସପ୍ତମ ଥର ପାଇଁ ତଦନ୍ତକାରୀ ଏଜେନ୍ସି ସମନ ପଠାଇ ଡକାଇଥିଲା। ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ତାଙ୍କୁ ଡିସେମ୍ବର ୩୧ ଡେଡ୍‌ଲାଇନ୍ ଦିଆଯାଇଥିଲା। ତେବେ ସେ ଏହାକୁ ଖାତିର କରିନଥିଲେ। ହାଜର ହବାକୁ ମନା କରିଦେଇଥିଲେ। ଏହାପରେ ସୋରେନ ବାରମ୍ବାର ସମନ ପଠାଇବା ନେଇ ଇଡି ଉପରେ ପ୍ରଶ୍ନ ଉଠାଇଥିଲେ। ଝାଡ଼ଖଣ୍ଡରେ ରାଜନୈତିକ ଅସ୍ଥିରତା ସୃଷ୍ଟି ପାଇଁ ରାଜନୈତିକ ଉଦ୍ଦେଶ୍ୟରେ ତାଙ୍କୁ ଏହି ସମନ ପଠାଯାଉଥିବା ସେ ଅଭିଯୋଗ କରିଥିଲେ।

## ଆରମ୍ଭ ହେଲା ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା



ବରଗଡ଼, ୧୫/୧ (ନି.ପ୍ର): ଆଜିଠାରୁ ଆରମ୍ଭ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ହାଟପଦାରେ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ସର୍ବବୃହତ୍ ମୁକ୍ତାକାଶ ରଂଗମଚରେ ହୋଇଛି ବିଶାଳ ଆୟୋଜନ।

ବରଗଡ଼ ସାଂସଦ ସୁରେଶ ପୂଜାରୀଙ୍କ ଦ୍ୱାରା ଧନୁଯାତ୍ରା ଉଦ୍‌ଘାଟିତ ହୋଇଛି। ଆଜି ପ୍ରଥମ ରଜନୀରେ ମଞ୍ଚସ୍ଥ ହେଉଛି ଦେବକୀ-ବସୁଦେବଙ୍କ ବିବାହ। ଏଥିସହ ଦୈବବାଣୀ ପରେ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସଙ୍କ ସିଂହାସନ ଆରୋହଣ ପରେ ବସୁଦେବ-ଦେବକୀଙ୍କୁ କାରାଗାରରେ ଭର୍ତ୍ତି କରିବେ ମହାରାଜ କଂସ।

୧୧ଦିନ ଧରି ମଥୁରା କଟକରେ ନଗର ଭ୍ରମଣ ସହ ଚାଲିବ ମହାରାଜ କଂସଙ୍କ ରାଜୁତି। ସେପଟେ କୃଷ୍ଣଜନ୍ମ ପରେ ଗୋପପୁର ପାଲଟିବ ଅମ୍ବାପାଲ୍ଲୀ। ଧନୁଯାତ୍ରାର ପ୍ରତିଟି ସନ୍ଧ୍ୟାରେ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।

## ପୃଥକ୍ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି ୮୦ ଲକ୍ଷ ଠକେଇ: ନୋଟିସ୍ ପରେ ନୋଟିସ୍ ପଠାଉଛି ଗୁଜୁରାଟ ସାଇବର ପୁଲିସ



ସୋର, ୧୫/୧ (ନି.ପ୍ର): ଜଣେ ଯୁବକଙ୍କୁ ମୋହରା ବନାଇ ସାଇବର ଠକେଇ ହୋଇଛି। ତାଙ୍କ ନାମରେ ଖୋଲାଯାଇଥିଲା ଦୁଇ ଦୁଇଟି ଆକାଉଣ୍ଟକୁ ବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କାର ବେଆଇନ କାରବାର କରାଯାଇଛି। ଏପରି ସମୟରେ ପକ୍ଷ ରଖିବାକୁ ସଂପୃକ୍ତ ଯୁବକଙ୍କୁ ସାଇବର ପୁଲିସ ନୋଟିସ୍ ପରେ ନୋଟିସ୍ ପଠାଉଥିବା ବେଳେ କିଛି ଉପାୟ ନପାଇ ଯୁବକ ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏପରି ଏକ ସାଂଘାତିକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ। ସୂଚନା ଅନୁସାରେ; ସୋର ଥାନା ଅଧୀନ ବାଇନଣ୍ଡା ମଙ୍ଗରାଜପୁର ଗ୍ରାମର ପ୍ରଶାନ୍ତ କୁମାର ମାଝୀ ସ୍ନାତକ ଶେଷ କରିଛନ୍ତି। ଉଚ୍ଚଶିକ୍ଷା ପାଇଁ ତାଙ୍କର ଟଙ୍କା ଆବଶ୍ୟକତା ଥିଲା। ତେଣୁ ସେ ବ୍ୟାଙ୍କରୁ ଲୋନ୍ କରି କରି ପାଠ ପଢ଼ିବା ପାଇଁ ଯୋଜନା କରିଥିଲେ। ତେବେ ଏହି ସମୟରେ ବାହାନଗା ବ୍ଲକ୍ ଖରାସାହାପୁର ଅଞ୍ଚଳର ଜ୍ୟୋତିରଞ୍ଜନ ନାୟକ ଲୋନ୍ ମିଳିବାକୁ ସହଜ ହେବ କହି ତାଙ୍କ ନାମରେ ଗତ ବର୍ଷ ଜୁଲାଇ ମାସ ବାଲେଶ୍ୱର ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଏବଂ ସୋର ଫେଡେରାଲ୍ ବ୍ୟାଙ୍କରେ ପୃଥକ୍ ଆକାଉଣ୍ଟ ଖୋଲା କରାଇଥିଲେ। ପ୍ରଶାନ୍ତ ବିଶ୍ୱାସ କରି ଉଭୟ ଆକାଉଣ୍ଟର ଚେକ୍‌ବୁକ୍ ଜ୍ୟୋତିରଞ୍ଜନଙ୍କୁ ଦେଇଦେଇଥିଲେ। ହେଲେ ପରେ ଉକ୍ତ ଆକାଉଣ୍ଟ ଓ ଚେକ୍‌ବୁକ୍‌ଗୁଡ଼ିକୁ ବ୍ୟବହାର କରି ବିଭିନ୍ନ ଉପାୟରେ ଏକାଧିକ ଲୋକ ଓ ସଂସ୍ଥାକୁ ଠକାଯାଇଥିଲା। ଯାହା ଜଣାପଡ଼ିଛି; ଉଭୟ ଆକାଉଣ୍ଟରେ ମୋଟ ୮୦ ଲକ୍ଷ ଟଙ୍କାର ଠକେଇ ହୋଇଛି। ଏପରି ସମୟରେ ଗତ ଅକ୍ଟୋବର ମାସ ୭, ୧୧, ୧୪ ଓ ୧୬ ଏବଂ ନଭେମ୍ବର ମାସ ୨୧ ତାରିଖରେ ଗୁଜୁରାଟ ପୁଲିସ ସହ ବିଭିନ୍ନ ବ୍ୟବସାୟିକ ସଂସ୍ଥାରୁ ପ୍ରଶାନ୍ତଙ୍କ ପାଖକୁ ଠକେଇ ବାବଦ ନୋଟିସ୍ ଆସିଥିଲା ଏବଂ ପକ୍ଷ ରଖିବାକୁ କୁହାଯାଇଥିଲା। ସବୁ ଘଟଣା ଜାଣିବା ପରେ ପ୍ରଶାନ୍ତ ଚିନ୍ତାରେ ପଡ଼ିଥିଲେ। ତେବେ କିଛିଦିନ ହେବ ଗୁଜୁରାଟ ସାଇବର ପୁଲିସ ପ୍ରଶାନ୍ତଙ୍କୁ ବାରମ୍ବାର ନୋଟିସ୍ କରିଆସୁଥିବା ବେଳେ ସେ କିଛି ଉପାୟ ପାଇ ନଥିଲେ। ଶେଷରେ ବାଧହୋଇ ପ୍ରଶାନ୍ତ ସୋର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ଅଭିଯୋଗପତ୍ର ଗ୍ରହଣ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଡିପ୍ ଫେକ୍‌ର ଶିକାର ହେଲେ ମାଷ୍ଟର ବ୍ଲାଷ୍ଟର ସଚିନ

ନୂଆଦିଲ୍ଲୀ, ୧୫/୧ : ଅଭିନେତ୍ରୀ ରଶ୍ମୀକା ମନ୍ଦନା, ପ୍ରିୟଙ୍କା ଚୋପ୍ରାଙ୍କ ପରେ ଏବେ ଡିପ୍ ଫେକ୍‌ର ଶିକାର ହେଲେ କ୍ରିକେଟର ଭଗବାନ ତଥା ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର। ଗେମିଂ ଆପ୍ 'ସ୍କାଏବର୍ଡ ଏଭିଏଟର କ୍ରେଷ୍ଟ'କୁ ସମର୍ଥନ କରୁଥିବାର ସଚିନଙ୍କ ଏକ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଗତ କିଛି ମାସ ଧରି ଏଆଇ ସାହାଯ୍ୟରେ ଲୋକପ୍ରିୟ ସେଲିବ୍ରିଟିଙ୍କ ଡିପ୍ ଫେକ୍ ଭିଡିଓ ସାମ୍ନାକୁ ଆସିବାରେ ଲାଗିଛି। ଏବେ କ୍ରିକେଟର ଭଗବାନ ସଚିନ ତେନ୍ଦୁଲକରଙ୍କ ପାଳି ପଡିଛି। ତେନ୍ଦୁଲକରଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ସଚିନ ଏକ ଆପର ପ୍ରମୋସନ୍ କରୁଥିବା ଦେଖିବାକୁ ମିଳୁଛି। ଆଉ ଏହି ଏଆଇ ଭିଡିଓରେ ସଚିନଙ୍କ ଭିଡିଓ ଡବିଂ କରି ଏଡିଟ୍ କରାଯାଇଥିବା ଜଣାପଡିଛି।

## ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ସାହିତ୍ୟ ଓ ସାଂସ୍କୃତିକ ମଂଚ



କପ୍ତିପଦା , ୧୫/୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ବିଶୋଳ ଯୁଥ କ୍ଲବ ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ଜାନୁଆରୀ ୧୨ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟ ଯୁବ ସପ୍ତାହ ଭାବରେ ପାଳିତ ହୋଇ ଯାଇଛି । ପ୍ରଥମ ଦୀବସଟି ସ୍ୱାମି ବିବେକାନନ୍ଦ ଜୟନ୍ତି ସମାରୋହ ପାରମ୍ପାରିକ ରିତିରେ ପାଳିତ ହୋଇଥିବା ବେଳେ ୧୪ ତାରିଖ ରବିବାର ଦିନଟି 'ସାହିତ୍ୟ ଓ ସଂସ୍କୃତିକ ଦିବସ' ଭାବରେ ପାଳିତ ହୋଇ ଯାଇଛି । ଏହି ଅବସରରେ ସାରସ୍ୱତ ବନ୍ଧୁ ମିଳନ, ଫକୀର ମୋହନ ଜୟନ୍ତି ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ 'ଧ୍ୱନିପ୍ରତିଧ୍ୱନି' ର ମୁଖ୍ୟ ପରିଚାଳକ ସୃଷ୍ଟିଧର ପରିଡ଼ା, ଓଡ଼ିଶା ସାହିତ୍ୟ ଏକାଡ଼େମିର ସଦସ୍ୟ କାଳିପଦ ପଣ୍ଡା, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଶ୍ୟାମସୁନ୍ଦର ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଫକୀର ମୋହନଙ୍କ ଜୀବନ ଇତିହାସ ଓ ଓଡ଼ିଆ ଭାଷାକୁ ବଂଚାଇ ରଖିବାରେ ତାଙ୍କର ଅବଦାନ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ବିଶୋଳ କ୍ଲବର ସଭାପତି ପ୍ରଫୁଲ୍ଲ ମହାଳିକ କାର୍ଯ୍ୟକ୍ରମରେ ଅଧକ୍ଷତା କରି 'ଜାତୀୟ ଯୁବସପ୍ତାହ' ପାଳନର ଉଦେଶ୍ୟ ସର୍ମ୍ପକରେ ଅବଗତ କରାଇଥିଲେ । ପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସନ୍ତୋଷ କୁମାର ସାହୁ ସଂଯୋଜନାର ଦାୟିତ୍ୱ ତୁଲାଇଥିବା ବେଳେ କ୍ଲବର ସଂପାଦକ ଦିଲିପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମ୍-ଜନମନ ଯୋଜନା: ଲକ୍ଷେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୫/୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ (ଜନମନ) ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍‌ଏୱାଇ-ଜି)ର ୧ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ପିଏମ୍-ଜନମନର ହିତାଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସ୍ୱାମୀଙ୍କ ସହ କୃଷି କାର୍ଯ୍ୟରେ ନିୟୋଜିତ ଥିବା ଛତିଶଗଡ଼ର ଜଶପୁର ଜିଲ୍ଲାର ସୁଶ୍ରୀ ମନକୁନୱାରୀ ବାଇ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ ଯେ ସେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଗାଯୋଗ କରି ଡୋନା ପଟ୍ଟାଳ ତିଆରି କରିବା ପାଇଁ ପ୍ରଶିକ୍ଷଣ ହାସଲ କରୁଛନ୍ତି ଏବଂ ଘର ଘର ବୁଲି ଜନମନ ସଙ୍ଗୀ ଭାବରେ ପିଏମ୍ – ଜନମନ ସମ୍ବନ୍ଧୀୟ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରୁଛନ୍ତି। ସେ ଦୀପ ସମୂହ ନାମକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଯେଉଁଥିରେ ୧୨ ଜଣ ସଦସ୍ୟ ଅଛନ୍ତି। ବନଧନ କେନ୍ଦ୍ରଗୁଡ଼ିକରେ ସ୍ୱୟଂ ସହାୟକ ଗୋଷ୍ଠୀରେ ସୃଷ୍ଟି ହୋଇଥିବା ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାର ଯୋଜନା ବିଷୟରେ ମଧ୍ୟ ଶ୍ରୀମତୀ ମାନକୁନୱାରୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଆହୁରି ମଧ୍ୟ ପକ୍କା ଘର, ନଳ ମାଧ୍ୟମରେ ଜଳ ସଂଯୋଗ, ଗ୍ୟାସ ଓ ବିଜୁଳି ସଂଯୋଗ, ଆୟୁଷ୍ମାନ କାର୍ଡରେ ତାଙ୍କ ସ୍ୱାମୀଙ୍କୁ କାନରୋଗର ମାଗଣା ଚିକିତ୍ସା ଏବଂ ଝିଅକୁ ୩୦ ହଜାର ଟଙ୍କାର ଚିକିତ୍ସା ସହାୟତା ମିଳିଥିବା ନେଇ ସେ ଉଲ୍ଲେଖ କରିଥିଲେ। ମୋଦୀ କ୍ରୀଡ଼ା ପ୍ରତି ଆଗ୍ରହ ବିଷୟରେ ପଚାରି ବୁଝିବା ସହ ଭିଡ଼ ମଧ୍ୟରେ ଥିବା ଆଗ୍ରହୀ ମହିଳା ଓ ଯୁବତୀଙ୍କୁ ହାତ ଟେକିବାକୁ କହିଥିଲେ। ସେ କ୍ରୀଡ଼ା ଉପରେ ଗୁରୁତ୍ୱାରୋପ କରିବା ସହ କହିଛନ୍ତି ଯେ ସାମ୍ପ୍ରତିକ ସମୟରେ ଅଧିକାଂଶ କ୍ରୀଡ଼ା ପୁରସ୍କାର ଜନଜାତି ସମ୍ପ୍ରଦାୟର କ୍ରୀଡାବିତ୍ ?ମାନେ ପାଉଛନ୍ତି। ଜନସାଧାରଣଙ୍କ ଅଂଶଗ୍ରହଣ ଅଧିକ ହେଲେ ସରକାରୀ ଯୋଜନାର ପ୍ରଭାବ ବହୁଗୁଣିତ ହୋଇଯାଏ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆୟୁଷ୍ମାନ କାର୍ଡ, ରାସନ କାର୍ଡ, ପିଏମ୍ କିଷାନ ନିଧିର ଜଣେ ହିତାଧିକାରୀ ହେଉଛନ୍ତି ମଧ୍ୟପ୍ରଦେଶ ଶିବପୁରୀର ସହରିଆ ଜନଜାତିର ଶ୍ରୀମତୀ ଲଳିତା ଆଦିବାସୀ। ତାଙ୍କ ଝିଅ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଲାଡଲି ଲକ୍ଷ୍ମୀ ଯୋଜନାର ଲାଭ ସହ ଛାତ୍ରବୃତ୍ତି, ୟୁନିଫର୍ମ ଓ ବହି ମଧ୍ୟ ପାଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ତାଙ୍କ ପୁଅକୁ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ସୁବିଧା ମିଳୁଛି।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୬ ଜାନୁଆରୀ ୨୦୨୪, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବେଂଜିଙ୍କୁ ଆଶ୍ୱସନା...

ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଥିବା ମାତ୍ର ୨୩ମିଲିଅନ୍ ଜନସଂଖ୍ୟା ବିଶିଷ୍ଟ ଛୋଟା, ସ୍ୱଶାସିତ ଦ୍ୱୀପପୁଞ୍ଜ ରାଷ୍ଟ୍ୟ ତାଇୱାନ୍ ଏହାର ଆକାର ସତ୍ତ୍ୱେ ସମଗ୍ର ବିଶ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବରେ ବିବେଚିତ ତା'ର ପରବର୍ତ୍ତୀ ରାଷ୍ଟ୍ରପତି ଭାବରେ ଉପ-ରାଷ୍ଟ୍ୟପତି ଲାଇ ଚିଙ୍ଗ-ତେଙ୍କୁ ନିର୍ବାଚିତକରିଛି, ଯିଏକି ୱିଲିୟମ୍ ଲାଇ ଭାବରେ ମଧ୍ୟ ପରିଚିତ। ଶ୍ରୀଯୁକ୍ତ ଲାଇ ଥିଲେ ସ୍ୱାଧୀନତା-ସପକ୍ଷବାଦୀ ଗଣତାନ୍ତ୍ରିକ ପ୍ରଗତିଶୀଳ ଦଳ ବା ଡେମୋକ୍ରାଟିକ ପ୍ରୋଗେସିଭ୍ ପାର୍ଟିର ପ୍ରାର୍ଥୀ। ତାଙ୍କର ଏହି ନିର୍ବାଚିତ ହେବା ତାଇୱାନ୍ ଏବଂ ମେନଲ୍ୟାଣ୍ଡ ଚୀନ୍ ମଧ୍ୟରେ ଉତ୍ତେଜନାକୁ ବୃଦ୍ଧି କରିବାର ଆଶଙ୍କା ସୃଷ୍ଟି କରିଛି, କାରଣ ଚୀନର ଉଦ୍ଦେଶ୍ୟ ଦୃଷ୍ଟିରୁ ସେ ହେଉଛନ୍ତି ତୀବ୍ର ବିରୋଧୀ। ତେଣୁ ଭାରତ ତାଇୱାନ୍ ଓ ଚୀନର କାର୍ଯ୍ୟକ୍ରମଗୁଡ଼ିକ ଉପରେ ସମ୍ପ୍ରତି ତୀକ୍ଷଣ ଦୃଷ୍ଟି ରଖିବାର ଆବଶ୍ୟକତା ରହିଛି, ବିଶେଷକରି ଏହି ଘଟଣାକ୍ରମ ପରିପ୍ରେକ୍ଷୀରେ, କାରଣ ଏତଶ ଏମିତି ଏକ ସମୟରେ ଘଟିଛି, ଯେତେବେଳେ କି ସମଗ୍ର ବିଶ୍ୱ ଏକାଧିକ ଦ୍ୱନ୍ଦ୍ୱର ଉଦ୍ବେଇରେ ଜଳୁଛି। ଶ୍ରୀଯୁକ୍ତ ଲାଇଙ୍କ ଗଣତାନ୍ତ୍ରିକ ପ୍ରଗତିଶୀଳ ଦଳ, ଯାହା ବର୍ତ୍ତମାନ ଲଗାତାର ଭାବରେ ତୃତୀୟଥର ପାଇଁ ଏହାର ରାଷ୍ଟ୍ରପତିଙ୍କ ଶାସନ କାଳକୁ ପରିଲକ୍ଷିତ କରିଛି, ତାହା ଚୀନ୍‌ର ଏକ ଦୃଢ଼ ସମାଲୋଚକ ଏବଂ ତାଇୱାନକୁ ଏକ ପୃଥିକ ରାଷ୍ଟ୍ର ଭାବରେ ବଜାୟ ରଖିବାର ସମର୍ଥକ। ଅପରପକ୍ଷରେ ଚୀନ୍ ତାଇୱାନକୁ ଏହାର ଏକ ଅଂଶ ବୋଲି ଦାବି କରିଆସିଛି ଏବଂ ଶ୍ରୀଯୁକ୍ତ ଲାଇଙ୍କୁ ଜଣେ ବିପଜ୍ଜନକ ବିଚ୍ଛିନ୍ନତାବାଦୀ ବୋଲି ନିର୍ବଚାନ ପ୍ରଚାର ସମୟରେ ଉପସ୍ଥାପିତ କରିଥିଲା। ସମ୍ପ୍ରତି ତାଙ୍କର ନିର୍ବାଚିତ ହେବାପରେ ଚୀନ୍ ତାଇୱାନରେ ଏହାର ଯୋଜନାଗୁଡ଼ିକ ଯଥାପୂର୍ବ ରହିବା ଉପରେ ଗୁରୁତ୍ୱାରୋପ କରି ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ନିର୍ବାଚନ ତାଇୱାନବାସୀଙ୍କ ଉପରେ ଚୀନ୍ ପକ୍ଷରୁ ପ୍ରଭୂତ ଚାପ ପ୍ରୟୋଗ କରାଯାଇଥିବାକୁ ପ୍ରତ୍ୟକ୍ଷ କରିଛି। ଚୀନ୍ ଏହାର ସପକ୍ଷବାଦୀ ପ୍ରାର୍ଥୀ କୁମିନ୍‌ତାଙ୍ଗର ହାଉ ୟୁ-ଇଙ୍କୁ ବିଜୟୀ କରାଇବା ନିମନ୍ତେ ତାଇୱାନର ଭୋଟରମାନଙ୍କ ଉପରେ ଚାପ ପ୍ରୟୋଗ କରିବା ସହିତ ଚେତାବନୀ ପ୍ରଦାନ କରିବା ପାଇଁ ପ୍ରତିଦିନ ଏହି ସ୍ୱ-ଶାସିତ ଦ୍ୱୀପପୁଂଜ ରାଷ୍ଟ୍ରର ଆକାଶରେ ମିଲିଟାରୀ ଜେଟ୍ ବିମାନମାନ ଉଡ଼ାଇ ଥିଲା, ସାଗର ବକ୍ଷରେ ନୈବାହିନୀ ଜାହାଜଗୁଡ଼ିକୁ ପଇଁତରା ମାରିବାରେ ନିୟୋଜିତ କରିଥିଲା ଏବଂ ପାଣିପାଗ ବେଲୁନଗୁଡ଼ିକୁ ଉଡ଼ାଉ ଥିଲା। ଏସବୁ ସତ୍ତ୍ୱେ ତାଇୱାନବାସୀ ସତେ ଯେମିତି ଦୃଢ଼ ପ୍ରତିଜ୍ଞା ଥିବା ମନେ ହୋଇଥିଲା ଚୀନକୁ ଦୂରେଇବାପାଇଁ। ସମ୍ପ୍ରତି ଚୀନର ଏହି ଦ୍ୱୀପପୁଂଜ ରାଷ୍ଟ୍ରକୁ ଆକ୍ରମଣ କରିବାର ଧମ କିଛି କାମ କରି ନଥିବା ଜଣାପଡ଼ିଇଛି। ଉଲ୍ଲେଖଯୋଗ୍ୟ ଯେ ଚୀନ୍ ଏହି ସୀମାକୁ ୧୮୯୫ରେ ଜାପାନ୍ ନିକଟରେ ହରାଇଥିଲଶ ଏବଂ ପରବର୍ତ୍ତୀ ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯଦିଓ ଏହାକୁ ଫେରିପାଇଲା, ତେବେ ଜେନେରାଲ ଚିଆଙ୍ଗ୍ କାଇ-ସେକ୍ ନିଜର ଜାତୀୟତାବାଦୀ ସମର୍ଥକମାନଙ୍କ ସହିତ ତାଇୱାନ୍ ଯାଇ ସେଠାରେ ଦଶନ୍ଧି ଦଶନ୍ଧି ଧରି ଶାସନ କରିବାକୁ ଲାଗିଲେ ଏବଂ ଚୀନର ଏହାକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବା ଏକ ସ୍ୱପ୍ନ ହୋଇ ଏବେ ବି ରହିଛି। ତାଇୱାନବାସୀଙ୍କର ସାମର୍ଥ୍ୟ ଏବେ ସମଗ୍ର ବିଶ୍ୱବାସୀଙ୍କ ସମ୍ମୁଖରେ। ସେମାନେ ନିଜର ଦେଶକୁ ବିଶ୍ୱର ମାଇକ୍ରୋପ୍ରୋସେସର ଚିପର ରାଜଧାନୀରେ ପରିଣତ କରିଛନ୍ତି; ସଙ୍ଗେ ସଙ୍ଗେ ଚୀନ୍ ସୁପ୍ରିମୋ ଜି ଜିନପିଙ୍ଗଙ୍କ ଯୁଦ୍ଧର ଧମକକୁ ବେଖାତିର କରି ଆସିଛନ୍ତି। ତେବେ ସାମ୍ପ୍ରତିକ ସମୟରେ ଏହା ଅନିବାର୍ଯ୍ୟ ନୁହେଁ ଯେ ତାଇପେଇ ଏବଂ ବେଜିଂ ସାମରିକ ଦ୍ୱନ୍ଦ୍ୱ ଆଡ଼କୁ ଅଗ୍ରସର ହେଉଛନ୍ତି। ଶ୍ରୀଯୁକ୍ତ ଲାଇଙ୍କ ନିର୍ବାଚିତ ହେବାପରେ ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡେନ୍ ଦୋହରାଇଛନ୍ତି ଯେ ତାଇୱାନର ସ୍ୱାଧୀନତାକୁ ୱାଶିଂଟନ୍ ସମର୍ଥନ କରୁନଥିଲା। ଏହାର ଅର୍ଥ, ସେ ବେଂଜିଙ୍କୁ ଆଶ୍ୱସନା ପ୍ରଦାନ କରିଛନ୍ତି କି ତାଇପେଇକୁ ନେଇ ସେ ବିଶ୍ୱର ଦୁଇ ପ୍ରମୁଖ ଶକ୍ତିଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବାକୁ ଉଦ୍ୟମ କରିବେ ନାହିଁ।

## ରାଷ୍ଟ୍ରନିର୍ମାଣରେ ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ

### କିଶୋର ଚନ୍ଦ୍ର ଜେନା



ଆମ ମହାନ୍ ଭାରତଭୂମିରେ ଶ୍ରୀରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ପରି ମହାପୁରୁଷଦ୍ୱୟଙ୍କ ଅବତରଣ ଏକ ଅଦ୍ଭୁତ, ଅନୁପମ ଏବଂ ଅଦ୍ୱିତୀୟ ଘଟଣା ଅଟେ। ଶ୍ରୀରାମକୃଷ୍ଣ ପରମହଂସଙ୍କ ଦ୍ୱାରା ସାଧନାପୂର୍ବକ ଧର୍ମର ଯେଉଁ ଅପୂର୍ବ ଅନୁଭୂତିମାନ ପ୍ରାପ୍ତ ହୋଇଥିଲା, ସେସବୁର ବ୍ୟବହାରିକ ସିଦ୍ଧା' ସମୂହର ପ୍ରତିପାଦନ କରିବାର କାର୍ଯ୍ୟ, ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ସ'ଳ ଭାବରେ ରୂପାୟନ ହୋଇଥିଲା। ଡଃ ରାମଧାରୀ ସିଂହ ଦିନକର ଗୋଟିଏ ସ୍ଥାନରେ ଯଥାର୍ଥରେ ଲେଖିଛନ୍ତି, ରାମକୃଷ୍ଣ ଏବଂ ବିବେକାନନ୍ଦ ଗୋଟିଏ ଜୀବନର ଦୁଇଟି ଅଂଶ ଏବଂ ଏକ ସତ୍ୟର ଦୁଇପକ୍ଷ ଅଟନ୍ତି। ରାମକୃଷ୍ଣ ଅନୁଭୂତି ଥିଲେ, ବିବେକାନନ୍ଦ ଏହାର ବ୍ୟାଖ୍ୟାକାର ରୂପେ ଆସିଥିଲେ। ରାମକୃଷ୍ଣ ଦର୍ଶନ ଥିଲେ, ବିବେକାନନନ୍ଦ ଏହାର ପ୍ରୟାସପକ୍ଷର ଆଖ୍ୟାନ କରିଥିଲେ। ଯଦି ରାମକଷ୍ଣ ହିନ୍ଦୁ-ଧର୍ମର କମଣ୍ଡଳୁ ମଧ୍ୟରେ ବନ୍ଦୀ ହୋଇଥିବା ଗଙ୍ଗା ଥିଲେ, ତେବେ ବିବେକାନନ୍ଦ ଏହି ଗଙ୍ଗାର ଭଗୀରଥ ଥିଲେ। ସେ ସେହି ପବିତ୍ର ଗଙ୍ଗା ଜଳକୁ କମଣ୍ଡଳୁ ମଧ୍ୟରୁ ବାହାରକରି ସମଗ୍ର ବିଶ୍ୱରେ ଖେଳାଇ ଦେଇଥିଲେ। ୧୨ ଜାନୁଆରୀ ୧୮୬୩ ମସିହାରେ ଦିବ୍ୟ ବିଭୂତି ସମ୍ପନ୍ନ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ କଳିକତାରେ ହୋଇଥିଲା। ଏବଂ ତାଙ୍କର ମହାସମାଧି ୪ ଜୁଲାଇ ୧୯୦୨ ମସିହାରେ ହୋଇଥିଲା, ଅର୍ଥାତ୍ ସେ ମାତ୍ର ୩୯ ବର୍ଷ ପାଞ୍ଚମାସ ଏବଂ ଚବିଶଦିନ ଧରାଧାମରେ ବଞ୍ଚି ରହିଥିଲେ। ଏହି ସ୍ୱଳ୍ପ ଅବଧି ମଧ୍ୟରେ ସେ ରାଷ୍ଟ୍ରୋତ୍ଥାନ, ପୁନର୍ଜାଗରଣ ତଥା ଭାରତୀୟ ମହାନ୍ ସଂସ୍କୃତିକୁ ସାରା ବିଶ୍ୱରେ ଚିହ୍ନିତ କରାଇ, ଭାରତର ସୁପ୍ତ ଯୁବଶକ୍ତି ଏବଂ ଉର୍ଜାକୁ ନିଜ ଧର୍ମ ମାଧ୍ୟମରେ ପରିଚିତ କରାଇ, ଭାରତ ପ୍ରତି ଗୌରବ ଏବଂ ଭବିଷ୍ୟତ ପ୍ରତି ଆସ୍ଥା ଉତ୍ପନ୍ନ କରିବା ଭଳି ଯେଉଁ ମହାନ୍ କାର୍ଯ୍ୟମାନ ସମ୍ପାଦନ କରିଥିଲେ; ଯାହା ହଜାର ବର୍ଷ ମଧ୍ୟରେ ମଧ୍ୟ ସମ୍ଭବ ହୋଇପାରିନଥିଲା। ତାଙ୍କର ସମଗ୍ର ଜୀବନର ଏକ ଏକ ପଳ ଭାରତର ନବନିର୍ମାଣ, ଦେଶ ଭକ୍ତିର ଦୃଢ଼ ଭାବନା ଜାଗ୍ରତ କରିବା ଏବଂ ଧର୍ମର ଯଥାର୍ଥ ବ୍ୟାଖ୍ୟାରେ ବ୍ୟୟିତ ହୋଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ମତରେ କର୍ମ କରିବା ହିଁ ଉପାସନା କରିବା, ବିଜୟପ୍ରାପ୍ତ କରିବା ହିଁ ତ୍ୟାଗ କରିବା ଅଟେ। ସ୍ୱୟଂ ଜୀବନ ହିଁ ଧର୍ମ ଅଟେ। ଆଦି ଶଙ୍କରାଚାର୍ଯ୍ୟଙ୍କ ପରେ କନ୍ୟାକୁମାରୀଠାରୁ କାଶ୍ମୀର ପର୍ଯ୍ୟ' ସମଗ୍ର ଭାରତବର୍ଷରେ ସର୍ବାଧିକ ଭ୍ରମଣ କରିଥିବା ତଥା ଦେଶବାସୀଙ୍କ ସ୍ଥିତିକୁ ଯଥାର୍ଥ ଭାବରେ ଅଧୟନ କରିଥିବା ବ୍ୟକ୍ତି ଥିଲେ ଏକମାତ୍ର ସ୍ୱାମୀ ବିବେକାନନ୍ଦ। ସେ ଅନୁଭବ କରିଥିଲେ, ସବୁଠାରୁ ବଡ଼ କାର୍ଯ୍ୟ ଧର୍ମର ପୁନଃସ୍ଥାପନା କରିବା। ଦ୍ୱିତୀୟ କାର୍ଯ୍ୟ, ହିନ୍ଦୁ-ଧର୍ମ ଉପରେ ହିନ୍ଦୁମାନଙ୍କ ଶ୍ରଦ୍ଧାଭାବ ଅତୁଟ ରଖିବା। କି' ହିନ୍ଦୁଗଣ ୟୁରୋପ ଦେଶ ଦ୍ୱାରା ଅଧିକ ପ୍ରଭାବିତ ହୋଇଯାଇଛନ୍ତି ଏବଂ ନିଜର ଧର୍ମ ଓ ଇତିହାସ ଉପରେ ମଧ୍ୟ ସେମାନେ ସେ ପର୍ଯ୍ୟ' ବିଶ୍ୱାସ କରିବାକୁ ପ୍ରସ୍ତୁତ ନଥିଲେ, ଯେପର୍ଯ୍ୟ' ୟୁରୋପ ଲୋକେ ସେମାନଙ୍କୁ ପ୍ରଶଂସା ନ କରିଛନ୍ତି। ତାଙ୍କର ତୃତୀୟ କାର୍ଯ୍ୟ ଥିଲା, ଭାରତବାସୀଙ୍କ ହୃଦୟରେ ଆତ୍ମ ଗୌରବ ଭାବନାକୁ ପ୍ରେରିତ କରିବା, ସେମାନଙ୍କୁ ନିଜ ସଂସ୍କୃତି, ଇତିହାସ ଏବଂ ଆଧ୍ୟାତ୍ମିକ ପରମ୍ପରାର ସୁଯୋଗ୍ୟ ଉତ୍ତରାଧିକାରୀ ଭାବେ ସାବ୍ୟସ୍ତ କରିବା। ଏହି ତିନିଗୋଟି କାର୍ଯ୍ୟକୁ ସ୍ୱାମୀ ବିବେକାନନ୍ଦ ସଫଳତାପୂର୍ବକ ସମ୍ପନ୍ନ କରିପାରିଥିଲେ। ତାଙ୍କ ସମ୍ବନ୍ଧରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଏହି କଥନ ସମୀଚୀନ ଅଟେ। ସେ ଏକଦା ଯଥାର୍ଥରେ କହିଥିଲେ, 'ଯଦି କେହି ଭାରତକୁ ବୁଝିବାକୁ ଚାହେଁ, ତେବେ ସେ ସ୍ୱାମୀ ବିବେକାନନ୍ଦଙ୍କୁ ପାଠ କରିବା ଉଚିତ୍।' ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଶବ୍ଦରେ, ସ୍ୱାମୀ ବିବେକାନନ୍ଦଙ୍କ ଧର୍ମ ରାଷ୍ଟ୍ରୀୟତାକୁ ଉତ୍ତେଜନା ଦେବାପରି ଧର୍ମ ଥିଲା। ନୂତନ ପିଢ଼ି ଲୋକମାନଙ୍କ ହୃଦୟରେ ସେ ଭାରତ ପ୍ରତି ଭକ୍ତିଭାବ ଜାଗ୍ରତ, ସେମାନଙ୍କ ଅତୀତର ଗୌରବ ଗାଥା ଏବଂ ସେମାନଙ୍କ ଭବିଷ୍ୟତ ପ୍ରତି ନୂତନ ଆସ୍ଥା ଉତ୍ପନ୍ନ କରିଥିଲା। ତାଙ୍କର ଉଦ୍‌ଘୋଷଣା ଦ୍ୱାରା ଲୋକମାନଙ୍କ ମଧ୍ୟରେ ଆତ୍ମନିର୍ଭରତା ଏବଂ ସ୍ୱାଭିମାନର ଭାବନା ଜାଗ୍ରତ ହୋଇଥିଲା।' ୧୧ ସେପ୍ଟେମ୍ବର ୧୮୯୩ ମସିହାରେ ସିକାଗୋ ସହରର 'ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍'ର ପ୍ରସିଦ୍ଧ 'କଲମ୍ବସ୍' ସମ୍ମିଳନୀ ଗୃହଟି ସାତହଜାର ଶ୍ରୋତାଙ୍କ ଉପସ୍ଥିତିରେ ଭରପୂର ହୋଇଯାଇଥିଲା। ଏହି ଭାଷଣର ପ୍ରଥମ ସମ୍ବୋଧନକାରୀ ବାକ୍ୟାଂଶ, 'ଆମେରିକାର ଭଉଣୀ ଓ ଭାଇମାନେ' (ଽସଷ୍ୱଷ୍ୱରକ୍ସଷ୍ଟ ବଭୟ ଈକ୍ସକ୍ଟଷ୍ପଷରକ୍ସଷ୍ଟ କ୍ଟଳ ଇଙ୍କରକ୍ସସମବ)। ଏତିକିମାତ୍ର ଶୁଣିସାରିବା ପରେ ଭବନର ସମସ୍ତ ଶ୍ରୋତା ନିଜ ନିଜର ଆସନରେ ଦଣ୍ଡାୟମାନ ହୋଇ କରତାଳି ଧ୍ୱନିରେ ସମଗ୍ର ପେକ୍ଷାଳୟଟିକୁ ମୁଖରିତ କରିଦେଇଥିଲେ। ଭାରତୀୟ ସଂସ୍କୃତିର 'ବସୁଧୈବ କୁଟୁମ୍ବକମ୍'ର ଅବଧାରଣା ସହିତ ଉପସ୍ଥିତ ଶ୍ରୋତାଗଣଙ୍କର ପରିଚୟ ହୋଇଥିଲା। ବୈଶ୍ୱିକ ପରିବାରର ବିଚାରଧାରାର ଏହି ସମ୍ବୋଧନ ଥିଲା ଆଧାରଶିଳା, ଯାହା ସମସ୍ତ ବନ୍ଧୁମାନଙ୍କ ଉପରେ ଚୁମ୍ବକୀୟ ପ୍ରଭାବ ପକାଇଥିଲା। ସ୍ୱାମୀଜୀ ନିଜ ବ୍ୟାଖ୍ୟାନରେ କହିଥିଲେ, 'ମୁଁ ଏପରି ଏକ ଧର୍ମର ଅନୁଗାମୀ ହୋଇଥିବାରୁ ଗର୍ବ ଅନୁଭବ କରୁଛି, ଯାହା ସମଗ୍ର ବିଶ୍ୱକୁ ସହିଷ୍ଣୁତା ତଥା ସାର୍ବଭୌମ ସଂସ୍କୃତି ଉଭୟର ଶିକ୍ଷା ପ୍ରଦାନ କରିଥାଏ। ଆମ୍ଭେମାନେ ସମସ୍ତେ ବିଭିନ୍ନ ଧର୍ମ ପ୍ରତି ସହିଷ୍ଣୁତାରେ ବିଶ୍ୱାସ କରୁ ଏବଂ ସମସ୍ତ ଧର୍ମକୁ ସତ୍ୟନିଷ୍ଠ ଭାବରେ ସ୍ୱୀକାର କରୁ। ମୁଁ ଏପରି ଏକ ଦେଶର ବ୍ୟକ୍ତି ହୋଇଥିବାରୁ ନିଜକୁ ଅତ୍ୟ' ଗର୍ବିତ ଅନୁଭବ କରେ ଯାହା ଏହି ପୃଥିବୀର ସମସ୍ତ ଧର୍ମ ଏବଂ ଦେଶର ଉତ୍ପୀଡ଼ିତ ବର୍ଗ ତଥା ଶରଣାର୍ଥୀମାନଙ୍କୁ ଆଶ୍ରୟ ପ୍ରଦାନ କରିଅଛି। ଭାଇମାନେ, ମୁଁ ଆପଣମାନଙ୍କୁ ଏକ ସ୍ତୋତ୍ରର କିଛି ପଂକ୍ତି ଶୁଣାଉଅଛି, ଯାହାର ଆବୃତ୍ତି ମୁଁ ବାଲ୍ୟକାଳରୁ କରି ଆସୁଛି ଏବଂ ଯାହାର ଆବୃତ୍ତି ପ୍ରତିଦିନ ଲକ୍ଷ ଲକ୍ଷ ମନୁଷ୍ୟ କରୁଛନ୍ତି। 'ରୁଚୀନାଂ ବୈଚିତ୍ର୍ୟା ଦୃଜୁକୁଟିଳ ନାନାପଥ ଜୁବାମ୍, ନୃଣାମେକୋ ଗମ୍ୟସ୍ତ୍ୱମସି ପୟସାର୍ଣ୍ଣବ ଇବ'। ଯାହାର ସରଳାର୍ଥ ହେଲା, ଯେପରି ବିଭିନ୍ନ ନଦୀ ଭିନ୍ନ ଭିନ୍ନ ସ୍ରୋତରୁ ନିଃସରି ଆସି ସମୁଦ୍ରରେ ମିଳିତ ହୋଇଥାଏ, ସେହିପରି ହେ ପ୍ରଭୋ! ଭିନ୍ନ ଭିନ୍ନ ରୁଚି ଅନୁସାରେ ବିଭିନ୍ନ ବିଷମ ଅଥବା ସରଳ ମାର୍ଗରେ



ଯାଉଥିବା ଲୋକେ ଶେଷରେ ଆପଣଙ୍କ ନିକଟକୁ ଆସି ସମ୍ମିଳିତ ହୋଇର୍ଥା'। ସ୍ୱାମୀଜୀ ତାଙ୍କର ବକ୍ତବ୍ୟକୁ ଜାରି ରଖି କହିବାକୁ ଲାଗିଲେ, ଏହି ସଭା, ଯାହା ଏପର୍ଯ୍ୟ' ଆୟୋଜିତ ସର୍ବଶ୍ରେଷ୍ଠ ପବିତ୍ର ସମ୍ମେଳନ ମାନଙ୍କ ମଧ୍ୟରୁ ଏକ ଅଟେ। ସ୍ୱତଃ ଶ୍ରୀମଦ୍ ଭଗବତ୍ ଗୀତାର ଏହି ଅଦ୍ଭୁତ ଉପଦେଶ ପ୍ରତିପାଦନ ଏବଂ ସମଗ୍ର ଜଗତ ପ୍ରତି ଏହାର ଘୋଷଣା ଅଟେ। ଯେ ଯଥା ମାଂ ପ୍ରପଦ୍ୟ'େ ତାଂସ୍ତଥୈବ ଭଜାମ୍ୟହମ୍, ମମ ବର୍ତ୍ମାନୁବର୍ତ୍ତ'େ ମନୁଷ୍ୟାଃ ପାର୍ଥ ସର୍ବଶଃ।'' ଯିଏ ମୋ ଆଡ଼କୁ ଆଗେଇ ଆସେ, ସେ ଯେଉଁ ପ୍ରକାରର ହୋଇଥିଲେ ମଧ୍ୟ, ମୁଁ ତାହାକୁ ପ୍ରାପ୍ତ ହୋଇଥାଏ। ମନୁଷ୍ୟ ଭିନ୍ନ ଭିନ୍ନ ମାର୍ଗ ଦ୍ୱାରା ପ୍ରଯତ୍ନ କରି ଶେଷରେ ମୋ' ଆଡ଼କୁ ହିଁ ଆସିଥାଏ। ସାଂପ୍ରଦାୟିକତା, ହଠଧର୍ମିତା ଏବଂ ଏହାର ବିଭତ୍ସ ବଂଶଧରଗଣ ଧର୍ମାନ୍ଧତା ନାମରେ ଆମର ଏହି ସୁନ୍ଦର ପୃଥ୍ୱୀଉପରେ ବହୁତ କାଳ ପର୍ଯ୍ୟ' ଅରାଜକତା କରି ସାରିଛନ୍ତି। ସେମାନେ ଧରିତ୍ରୀକୁ ହିଂସାରେ ପୂର୍ଣ୍ଣ କରିଦେଇଛନ୍ତି, ଏହାକୁ ବାରମ୍ବାର ମାନବତାର ରକ୍ତରେ ସ୍ନାନ କରିଛନ୍ତି, ସଭ୍ୟତାକୁ ବିଧ୍ୱସ୍ତ କରିଛନ୍ତି ଏବଂ ସମଗ୍ର ଦେଶକୁ ନିରାଶା ଗର୍ତ୍ତରେ ପକାଇ ଦେଇଛନ୍ତି। ଯଦି ସେମାନେ ବିଭତ୍ସ ଦାନବ ହୋଇ ନଥା'େ, ତେବେ ଆମର ମାନବ ସମାଜ ଆଜିର ଅବସ୍ଥାଠାରୁ ଆହୁରି କେତେ ସମୁନ୍ନତ ହୋଇ ଯାଇଥାଆ'। ଏହାପରେ ୧୫, ୧୯, ୨୦, ୨୬ ତଥା ୨୭ ଡିସେମ୍ବର, ୧୮୯୩ ମସିହାରେ ସ୍ୱାମୀ ବିବେକାନନ୍ଦ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭାଷଣ ବିଶ୍ୱଧର୍ମ ମହାସଭାରେ ପ୍ରଦାନ କରିଥିଲେ। ଏହା ଏକ ସର୍ବମାନ୍ୟ ତଥ୍ୟ ଅଟେ ଯେ ସ୍ୱାମୀ ବିବେକାନନ୍ଦ ଆଧୁନିକ ମାନବର ଆଦର୍ଶ ପ୍ରତିନିଧି ଅଟନ୍ତି। ବିଶେଷକରି ଭାରତୀୟ ଯୁବବର୍ଗଙ୍କ ନିମିତ୍ତ ସ୍ୱାମୀଜୀଙ୍କଠାରୁ ଆଉ କେହି ବଡ଼ ନେତା ହୋଇ ନପାରି'। ଶ୍ରୀମଦ୍ ଭଗବତ୍ ଗୀତାର ଏହି ବାଣୀ 'ବାସୁଦେବଃ ସର୍ବମିତି ଓ ମହାତ୍ମା ସୁଦୁର୍ଲଭଃ', ଏହା ସ୍ୱାମୀଜୀଙ୍କ ନିମିତ୍ତ ଅକ୍ଷରଶଃ ସତ୍ୟ ଅଟେ। ଏପରି ଏକ ଦିବ୍ୟ ବିଭୂତିଙ୍କ ଅବତରଣ ଭାରତରେ ହେବା ଏକ ଅଭୂତପୂର୍ବ ଘଟଣା ଅଟେ। ଭଗିନୀ କ୍ରିଷ୍ଟିନ୍‌ଙ୍କ କଥନ ରେଖାଙ୍କିତ କରିବା ଯୋଗ୍ୟ ଅଟେ। ଧନ୍ୟ ଅଟେ ସେହି ଦେଶ, ଯିଏ ଏହାକୁ ଜନ୍ମ ଦେଇଛି, ଧନ୍ୟ ଅଟେ ସେହି ମନୁଷ୍ୟ, ଯିଏ ସେହି ସମୟରେ ଏହି ପୃଥିବୀରେ ଜୀବିତ ଥିଲେ ଏବଂ ଧନ୍ୟ ଅଟନ୍ତି କେତେକ ଲୋକ, ଯେଉଁମାନଙ୍କୁ ତାଙ୍କ ପାଦପଦ୍ମରେ ଉପବେଶନ କରିବାର ଦୁର୍ଲ୍ଲଭ ସୌଭାଗ୍ୟ ମିଳିଥିଲା।


ପୂର୍ବତନ ବରିଷ୍ଠ ଅଧିକାରୀ (ବି.ଏସ୍.ଏନ.ଏଲ) ଓ ଆଇନଜୀବୀ
(ମୋ) ୯୪୩୭୦୪୧୩୦୦


## ପେଗାସେସକୁ ନେଇ ପୁଣି ଚର୍ଚ୍ଚା

### ଗୋପାଳ ମହାପାତ୍ର



ପୁଣି ଲେଉଟିବ ପେଗାସେସ ପ୍ରସଙ୍ଗ। ଯେଉଁ ପେଗାସେସ ପ୍ରସଙ୍ଗକୁ ମାନ୍ୟବର ସୁପ୍ରିମ୍‌କୋର୍ଟ ବନ୍ଦ କରିଦେଇଥିଲେ ସେଇ ମାମଲା ପୁଣିଥରେ ଫାଇଲ ଭିତରୁ ବାହାରିବାର ସମ୍ଭାବନା ଦେଖାଦେଇଛି। ଏହି ପ୍ରସଙ୍ଗରୁ କ'ଣ ନିଷ୍ପତ୍ତି ବାହାରିବ ସେ କଥା ତ ଭବିଷ୍ୟତ କହିବ କିଁ ଏକଥା ନିଶ୍ଚିତ ଯେ ଅନେକ ବିଶିଷ୍ଟ ତଥା ଦାୟୀତ୍ୱବାନ ବ୍ୟକ୍ତିଙ୍କୁ ଏହା ଅସୁବିଧାରେ ପକାଇବ। ଏଥିପାଇଁ ସ୍ଥିତି ଉପରେ ନଜର ରଖିବା ଓ ସତର୍କ ରହିବା ପାଇଁ ଏବେ କିଛି ସମ୍ବନ୍ଧିତ ତତ୍ପର ହୋଇଉଠିଛନ୍ତି। ଏହି ପେଗାସେସ ରୂପି ଜିନ୍ ପୁଣି ବାହାରିବାର କାରଣ ହେଉଛି ଆମେରିକାରୁ ପ୍ରକାଶିତ ହେଉଥିବା ଓ୍ୟାସିଂଟନ ପୋଷ୍ଟ ନାମକ ଖବର କାଗଜରେ ପ୍ରକାଶ ପାଇଥିବା ଏକ ସମ୍ବାଦ। ଓ୍ୟାସିଂଟନ ପୋଷ୍ଟ ଖବରକାଗଜରେ ପ୍ରକାଶିତ ସମ୍ବାଦ ଅନୁସାରେ ଓୟାରର ସଂସ୍ଥାପକ ସିଦ୍ଧାର୍ଥ ବରଦରାଜନ ଏବଂ କରପସନ ସାଉଥ ଏସିଆର ସମ୍ପାଦକ ଆନନ୍ଦ ମଙ୍ଗାଲେ ସେମାନଙ୍କ ଫୋନକୁ ଇଣ୍ଟରନ୍ୟାସନାଲ ଲାବ୍ରୋଟୋରୀକୁ ଯାଞ୍ଚ ପାଇଁ ଦେଇଥିଲେ। ଯାଞ୍ଚ ପରେ ଜଣାପଡିଛି ଯେ ଦୁଇଜଣଙ୍କ ଫୋନରୁ ପେଗାସେସ ଥିବା ଜଣାପଡିଛି। ଏଣୁ କୁହାଯାଉଛି ଯେ ପେଗାସେସ ପ୍ରସଙ୍ଗ ପୁଣି ଉଠିପାରେ। ଯେଉଁ ଇଣ୍ଟରନ୍ୟାସନାଲ ଲାବ୍ରୋଟୋରୀ ଫୋନ ଯାଞ୍ଚ କରିଥିଲା। ସେଇ ଲାବ୍ରୋଟୋରୀକୁ ସାରାବିଶ୍ୱରେ ମାନ୍ୟତା ଦିଆଯାଇଥାଏ। ନିକଟରେ ଏପଲଫୋନ ବ୍ୟବହାର କାରୀ ମାନଙ୍କୁ ସୁରକ୍ଷା ସମ୍ପର୍କୀତ ସୂଚନା (ସିକ୍ୟୁରିଟି) ଆଲର୍ଟ) ଜାରି କରାଯାଇଥିଲା ଓ କୁହାଯାଇଥିଲା ଯେ ଏଥିରୁ ବର୍ତ୍ତିବା ପାଇଁ ପଦକ୍ଷେପ ନେବା ଦରକାର।

ପେଗାସେସ ହେଉଛି ଏକ ଗୁଇନ୍ଦା ସଫଟଓୟାର ଯାହାକୁ ଇସ୍ରାଏଲର କମ୍ପାନୀ ଏନଏସଓ ପ୍ରସ୍ତୁତ କରିଛି। ଏହି ସଫଟଓୟାରର ସହଯୋଗରେ ଯେକୌଣସି ବ୍ୟକ୍ତିର ଫୋନର କଥାବାର୍ତ୍ତାକୁ ସହଜରେ ରେକର୍ଡିଂ କରିହେବ। ଏଣୁ ଏହି ସଫଟଓୟାର କୁ ସ୍ୱାଇଓ୍ୟାର ବୋଲି ମଧ କୁହାଯାଇଥାଏ। ନ୍ୟୁୟର୍କ ଟାଇମସ ସମ୍ବାଦପତ୍ରରେ ଏହି ପେଗାସେସ ସ୍ୱାଇଓ୍ୟାର ବାବଦର ଖବର ପ୍ରକାଶ ପାଇଥିଲା। ଖବରରେ କୁହାଯାଇଥିଲା ଯେ ଭାରତ ସରକାର ଏହାକୁ କ୍ରୟ କରିଥିଲେ। ନ୍ୟୁୟର୍କ ଟାଇମସର ଏହି ଖବର ପ୍ରକାଶ ପରେ ସଂସଦରେ ବିରୋଧି ଦଳମାନେ ହୋ ହାଲ୍ଲା କରିଥିଲେ, ଅଭିଯୋଗ ଉଠିଥିଲା ଯେ ପେଗାସେସ ମାଧ୍ୟମରେ ଭାରତର ଅନେକ ସାମ୍ବାଦିକ, ବରିଷ୍ଠ ଅଧିବକ୍ତା, ସୁପ୍ରିମକୋର୍ଟ- ହାଇକୋର୍ଟର ବିଚାରପତି, ରାଜନେତା ଓ ସରକାରୀ ଅଧିକାରୀ ମାନଙ୍କ ଫୋନ ଟ୍ୟାପିଙ୍ଗ କରାଯାଇଥିଲା। ଯଦି ଏହି ଅଭିଯୋଗ ସତ୍ୟ ତେବେ ଦେଶର ସୁରକ୍ଷା ବ୍ୟବସ୍ଥା ପାଇଁ କ୍ଷତିକାରକ ନିଶ୍ଚୟ। ପେଗାସେସ ପ୍ରସଙ୍ଗ ସୁପ୍ରିମକୋର୍ଟକୁ ଯାଇଥିଲା। ସରକାର ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟକୁ ମଧ ରିପୋର୍ଟ ଦେଇଥିଲେ। ପରେ ସୁପ୍ରିମକୋର୍ଟ ଏହି ମାମଲାକୁ ବନ୍ଦ କରି ଦେଇଥିଲେ। ପେଗାସେସ ଗୁଇନ୍ଦା କାଣ୍ଡ ମାମଲାକୁ ନେଇ ବେଶ୍ କିଛି ଦିନ ବିରୋଧିମାନେ ହଇଗୋଳ କରିଥିଲେ ଓ ସଂସଦ କାର୍ଯ୍ୟକୁ ମଧ ଚକାଇ ଦେଇନଥିଲେ। ବିରୋଧିଙ୍କ ପେଗାସେସ ପ୍ରସଙ୍ଗରେ ତଦ' ପାଇଁ କରାଯାଇଥିବା ଦାବିକୁ ସରକାର ଚପାଇ ଦେଇଥିଲେ। ସୁପ୍ରିମକୋର୍ଟ ମଧ ଏଘଟଣାର ତଦ'କୁ ବନ୍ଦ କରିଦେବା ପାଇଁ ଆଦେଶ ଦେବା ପରେ ପ୍ରସଙ୍ଗଟି ଥଣ୍ଡା ପଡିଯାଇଥିଲା।

ସଂସଦରେ ଏ ପ୍ରସଙ୍ଗରେ ଆଲୋଚନା ମଧ ହୋଇଥିଲା କି' ସରକାର ଏପ୍ରସଙ୍ଗରେ କୌଣସି ସ୍ପଷ୍ଟିକରଣ ଦେଇନଥିଲେ। କି' ପେଗାସେସ କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ କମ୍ପାନୀ କେବଳ ସରକାରଙ୍କୁ ଏହି ସଫ୍ଟୱୟାର ବିକ୍ରୀ କରିଛି। ଏବେ ଓ୍ୟାସିଂଟନ ପୋଷ୍ଟର ଖବର ପରେ ପୁନର୍ବାର ସରକାର କାଠଗଡ଼ାରେ ଠିଆ ହେବେ ବୋଲି ଆଶଙ୍କା ପ୍ରକାଶ ପାଉଛି। ସମ୍ବେଦନଶୀଳ କଥା ହେଉଛି ସରକାର ଅଥବା କେଉଁ ସୁରକ୍ଷା ସଂସ୍ଥା ଏହି ପେଗାସେସ ସଫ୍ଟୱୟାର କ୍ରୟ କରିଛି ସେ ବାବଦରେ କୌଣସି ତଥ୍ୟ ପ୍ରଦାନ କରିନାହାଁ। କି' ଓ୍ୟାସିଂଟନ ପୋଷ୍ଟ ଇଣ୍ଟରନ୍ୟାସନାଲ ଲାବ୍ରୋଟୋରୀ ଠାରୁ ତଥ୍ୟ ସଂଗ୍ରହ କରି ଖବର ପ୍ରକାଶ କରିଛି ଏବଂ କହିଛି ଯେ ଲାବ୍ରୋଟୋରୀରେ ଯେଉଁ ଦୁଇଟି ଫୋନର ଯାଞ୍ଚ ହୋଇଥିଲା ସେଥିରେ ପେଗାସେସ ଥିବାର ଜଣା ପଡିଛି। ଖବର ପ୍ରକାଶନ ପରେ ପେଗାସେସ ପୁନର୍ବାର ଆଲୋଚନାକୁ ଆସିଛି। ପେଗାସେସ ଗୁଇନ୍ଦା ମାମଲାରେ ଭାରତର ଜଣେ ବିଶିଷ୍ଟ ଶିଳ୍ପପତିଙ୍କ ନାମ ମଧ ଆସୁଛି। ଘଟଣାର ଗୁରୁତ୍ୱଦୃଷ୍ଟିରୁ ଘଟଣାକୁ ଏଡାଇ ଦିଆଯିବା ମଧ ଅସମ୍ଭବ। ଏ ଘଟଣାରେ ସଂପୃକ୍ତ କମ୍ପାନୀ ଏବଂ ବ୍ୟକ୍ତି ବିଶେଷଙ୍କ ବାବଦରେ ତଦ' ହେବାର ଆବଶ୍ୟକତା ରହିଛି।


ରାମଚନ୍ଦ୍ର ପୁର, ରଣପୁର
ମୋ : ୯୪୩୮୪୮୫୦୯୪





## ମୃତ୍ୟୁର ପୁନର୍ଜନ୍ମ

### ଡ. ଦୀପକ କୁମାର ମିଶ୍ର

କେତେଥର ମରିବି ଆଉ
କେବେ ଉଠିପାରୁନଥିବା
ସତସତିକା ମୃତ୍ୟୁଟିଏ ପରି।
ଜୀବନ-ମରଣ ଅପେକ୍ଷା
ବେଶି ଭୟ ଲାଗିଲାଣି ମରଣପରର
ମରଣକୁ ଏଠି।

ଦେହ ପରି ପୋଡ଼ା ସ୍ୱପ୍ନରେ
ଗୁଡ଼େଇଦେଲ ପୀଡ଼ାର ଗଜକନା
ଚାରିଆଡ଼େ ନିଆଁ, ପୂଜ,
ରକ୍ତର ବନ୍ୟା
ଜାଣି ନଥିଲି
ଶବ ଗଣିବା କାଳେ
ଏଠାରେ ବେଶ ରୋଜଗାରକ୍ଷମ
ଜୀବନ ଗଣିବା ଅପେକ୍ଷା।

ଅନ୍ତୁଡ଼ିର ଚିମୁଟାଏ କାନ୍ଦ
ଭରିଦେଇଚି ଜୀବନଯାକରେ ଦୁଃଖ
ଦରିଦ୍ରତା, ବେକାରି , ବେଠି
ସବୁ ତ ଗୋଟେ ଗୋଟେ
ଛୋଟିଆ ମରଣ
ଦଇବ ଲେଖିନି ଜାତକ
ତେଣୁ ଏଠି ମୃତ୍ୟୁଦଶା ଆସେ
ବାରମ୍ବାର।

କୁହ, କେତେଥର ନାମକରଣ କରିବ
ମୋର ମୃତ୍ୟୁର
ମୃତ୍ୟୁ ଆଉ ଚିରନ୍ତନ ସତ୍ୟ ନୁହେଁ
ସିଏ ବାରବାର ଜନ୍ମେ,
ଏକାଧିବାର ମରେ
ଆଉ ସାଙ୍ଗରେ ନେଇଯାଏ
ନିଜ ଚାରିପାଖେ କୁଆଁକୁଆଁ ରଡ଼ି ଛାଡ଼ି
ସ୍ୱପ୍ନାଭିଭୂତ କୁନିକୁନି ଆଉ କେତେ
ନିରୀହ ମୃତ୍ୟୁମାନଙ୍କୁ।
ଃଃଃଃଃ


ଭୁବନେଶ୍ୱର
(ମୋ) ୮୨୮୦୨୧୧୦୦୦




## ପ୍ରତିପାଦ୍ୟ ସତ୍ୟ

### ଅନସୂୟା ପଣ୍ଡା

ଗୋଟେ ଜାଲ ତଳେ ଖୁବ୍
ଭୋକରେ ବିକଳ ଚଢେଇଟିକୁ
ଭାବିବାକୁ ନଥାଏ ବେଳ
ସେ ଆଣ୍ଠେଇ ପଡେ ଅହରହ
ଗୋଟେ ନିଷ୍ଠୁର ସତ୍ୟକୁ ଭେଟି
କେବେ ଫେରେ କେବେ
ଫେରିପାରେନି
ଶେଷରେ ସମର୍ପିଦିଏ ଭାଗ୍ୟ
ହାତରେ।

ଦେଖିବାରେ ଖୁବ ଉଜ୍ୱଳି ଉଠୁଥିବା
ହୀରାରେ ଥାଏ କେତେ ଜହର
ମାପିବା ଆଗରୁ ସରିଯାଏ ଖେଳ
ସତ୍ୟ ସବୁବେଳେ ଆବୃତ
ପଥରରେ ଶାମୁକାରେ ଅନ୍ଧାରରେ।

ଦେଖିବା ଆଉ ଦେଖେଇ ହେବା
ଭିତରେ
ବିରାଜିତ ଅମାପ ଅବ୍ୟକ୍ତ ଅନ୍ତର
ଅନ୍ଧାରକୁ କ'ଣ ସତେ ପରାହତ
କରେ ହାଲୋଜେନର ଦଲକାଏ
ଆଲୋକ ?

ଦେଖେଇ ହେବାର ନିରିମାଖୀ
ଭାବତଳେ
ଅସତ୍ୟ ଅଭେଦ୍ୟ ଅନୁକ୍ତ ଅହଂକାର
ଛଦ୍ମବେଶର ନୀଳଦେହ ତଳେ
ରାବଣର ମାୟା ମିରିଗ ଖେଳ
ଛଳନାରେ ଶକୁନିର ପଶାକାଠି।

ଆସ ପ୍ରତିପାଦ୍ୟ ସତ୍ୟକୁ ପରଖିବା
ଅନ୍ତର୍ମନର ଚେତନାରେ ପ୍ରତିପନ୍ନ
ଛଳନାର ପ୍ରଚକ୍ଷୁ ଉତ୍ତାରି
ତର୍କ ଅହମିକାର ବକଳ ଚିରି।

ଶୁଣିବା ନିଷ୍ଠୁର ସତ୍ୟ କଥନର ସ୍ୱର
ହେଉ ପଛେ ଶ୍ରୁତିକଟୁ କଠୋର
ନିରାଧାର ମିଛର ମଧୁର ବାଣୀ ଭାବ
କ୍ଷଣ ଭଙ୍ଗୁର ଅଚିନ୍ତ୍ୟ ଖୁସିର ଜୀବନ
ଅଲକ୍ଷ୍ୟରେ ଭାଙ୍ଗିଯାଏ କାଚପରି
ଆହତ ହୁଏ ଦେହ ଓ ଦେହଳୀ।


ବୁର୍ଲା, ସମ୍ବଲପୁର,
ଗ-୮୩୨୮୯୪୫୮୮୫


## ହେ ମଙ୍ଗଳମୟ...

### ନିରଞ୍ଜନ ସାହୁ

ହେ ମଙ୍ଗଳମୟ ତୁମରି ଇଚ୍ଛାରେ
ଏଇ ବର୍ଷ ହେଉ ଶୁଭ
ତୁମ କରୁଣାରେ ଜଗତ ମଙ୍ଗଳ
ହୋଇବାଟା ଅଟେ ଧ୍ରୁବ।

ବର୍ଷ ପରେ ବର୍ଷ ବିତି ଯାଉଅଛି
ମିଳଇ ମିଶ୍ରିତ ଫଳ
ଏ ବରଷ କିନ୍ତୁ ହେଉ ଆହେ ପ୍ରଭୁ
କେବଳ ସଦା ମଙ୍ଗଳ
ସମସ୍ତଙ୍କ ଚଲାପଥରେ ପଡୁ ହେ
କୁସୁମ, ଚନ୍ଦନ, ଦୁବ।

ସଂସାରୁ ଶୋଷଣ, କଷଣ, ତୋଷଣ
ସମସ୍ତ ଦୂରେଇ ଯାଉ
ହିଂସା, ପ୍ରତିହିଂସା, ଯୁଦ୍ଧ ଭୟ ଯାଇ
ଏହି ବିଶ୍ୱ ଶାନ୍ତି ପାଉ
ଖୁସିରେ ସମସ୍ତେ କାଳ କାଟୁଥାନ୍ତି
ବୃଦ୍ଧ, ଶିଶୁ ଅବା ଯୁବ।


ଝନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ମକର ପର୍ବ

### ସ୍ୱୟଂପ୍ରଭା ବେହେରା

ବାରମାସ ପରେ ଧରଣୀ କୋଳକୁ
ଆସୁଛି ମକର ପରବ
ଗୁରୁ କହୁଥିଲେ ସେହି ଦିନ ଠାରୁ
ଦିନର ଅବଧି ବଢିବ।

ପ୍ରଭୁ ଦିବାକର ଦକ୍ଷିଣ ଦିଗରୁ
ଉତ୍ତରକୁ ଗତି କରିବେ
ସାରା ଦେଶବାସୀ ଏଇ ପରବକୁ
ହର୍ଷ ଉଲ୍ଲାସରେ ପାଳିବେ।

ଦକ୍ଷିଣ ରାଇଜେ ଏଇ ପରବକୁ
ପୋଂଗଲ ନାମରେ ପାଳନ୍ତି
ଲୋହଡି ନାମରେ ପଂଜାବ ରାଇଜେ
ଏବି ପରବକୁ ମନାନ୍ତି।

ଏହି ପରବରେ ଭିନ୍ନ ଭିନ୍ନ ବର୍ଣ୍ଣ
ଗୁଡି ଶୋଭାପାଏ ଆକାଶେ
ଆମ ଗାଆଁ ପାଖ ମକର ବୁଡକୁ
ସଭିଏଁ ଯାଆନ୍ତି ହରଷେ।

ଆସ ମିଳିମିଶି ଏଇ ପରବକୁ
ଆନନ୍ଦର ସହ ପାଳିବା
ଆମ ପରମ୍ପରା ଆମ ସଂସ୍କୃତିକୁ
ହୃଦୟର ସହ ମାନିବା।


ବିଡାନାସୀ,କଟକ
ମୋ-୯୭୭୭୫୨୯୨୭୬




## କବିତା ଏକ ଛଳଛଳ ନଈ

### ଭରତ ଚନ୍ଦ୍ର ଦାଶ



ଦୀର୍ଘଦିନ ହେବ
ସାହିତ୍ୟ ସହିତରେ
ଜୀବନ ଆଉଟୁପାଉଟୁ
ହେଲାଣି ଚାଳିଶ ବର୍ଷ
ସଚ୍ଚି ରାଉତରାୟଙ୍କ
ଛୋଟ ମୋର ଗାଆଁଟି
ବେଶ୍ ମନ ପ୍ରାଣ
ହୃଦୟକୁ ବାନ୍ଧିରଖିଛି
ଏ ଯାଏ କବିତା ପ୍ରେମରେ
ମହାନଦୀରେ ନୌକା ବିହାର
ଶବ୍ଦମାନେ କିପରି ଉତ୍ତରୀତ
ବୌଦ୍ଧିକତାରେ ସେମାନେ
କାଳୋତ୍ତୀର୍ଣ୍ଣ ଯେପରି
ମାନସିଂହ ପ୍ରିୟକବି ମୋର
ପ୍ରୀତି ପ୍ରତ୍ୟୟରେ ପ୍ରଣୟର
ପ୍ରଣବର ଧ୍ୱନି
ତପସ୍ୱିନୀ ମେହେରଙ୍କ
ମହିମ୍ନ କୃତି
କୃତିତ୍ୱର ଶବ୍ଦର କୋଣାର୍କ
ଲୁହର ଫସଲ
ଉର୍ବଶୀର ଚିଠି ଅବା
ନିଃସର୍ତ୍ତ ନିଳୟ
ପଢିଛି କି ସୁଧାଂଶୁ ଅବା
ବିଭୂଦତ୍ତ, ନିତ୍ୟାନନ୍ଦଙ୍କୁ
ଅସ୍ୱଷ୍ଟ ନୁହେଁ
ଭାବରେ ଅବା ବିଭବରେ ।

ଏବେ ମୁଁ ପଢୁଛି
ଅନେକ କବିଙ୍କୁ
କବିତ୍ୱରେ ସେମାନେ
ବେଶ୍ ଖ୍ୟାତ ବିଖ୍ୟାତ ବି
ଦେଶ ବିଦେଶରେ
ଅନ୍ନ କବିତାଟି
ବେଶ୍ ଚର୍ଚ୍ଚିତ ତା'ର
ଆତ୍ମିକ ପରିପ୍ରକାଶରେ
ଧାରାବାହିକ ଭାବେ
ଦୀର୍ଘାୟିତ ତା'ର କଳେବର
ସତ୍ୟବାଦୀ ପୃଷ୍ଠାରେ
ମୁଁ ପଢିଛି ବାରମ୍ବାର
ହେଜି ପାରିନାହିଁ ଥରୁଟିଏ
ଆଜିଯାଏ ଏ ନିର୍ବୋଧ ମସ୍ତିଷ୍କରେ।
ସାଧାରଣ ପାଠକଟିଏ ଅପହଞ୍ଚ
ମୁଁ ବୁଝିନାହିଁ,
ହରେକୃଷ୍ଣ ପ୍ରଶ୍ନକଲେ
ମୁଁ ନିରୁତ୍ତର
ସବୁବେଳେ ଅସହାୟ
ହରପ୍ରସାଦଙ୍କ ସୃଷ୍ଟି
ଭେଦିବାକୁ ମୋ କ୍ଷୁଦ୍ର ଚିନ୍ତନରେ।

ବେଳେବେଳେ
ପ୍ରଶ୍ନ ଆସେ ମନରେ
ମୋ ସୃଷ୍ଟିର
ପାଠକଙ୍କ ପାଇଁ ପଢିବେ ନା
ଅପଢା ରହିଯିବ ଚିରକାଳ
ଅସ୍ୱଷ୍ଟ ଅବୋଧ ହୋଇ
ଅଲୋଡା ବହିଥାକରେ ।
ଉପେନ୍ଦ୍ରଙ୍କ କବିତା
ଚାଷୀ ଠାରୁ ରାଜପଣ୍ଡିତ ଯାଏ
ସମସ୍ତଙ୍କ ପ୍ରାଣକୁ
କୁଆଡେ ଛୁଇଁଥିଲା
ଗାଏ ତୁମ ଗୀତ...
ସଭାରେ ପଣ୍ଡିତ...
ଏକଥା ଏବେ ଆପ୍ତବାକ୍ୟ ।

କବିତା ଏକ ଛଳଛଳ ନଈ
ଭାବର ବିଭବେ ସ୍ୱତଃ ପ୍ରବାହିତ
ପ୍ରାଣ ସରିତରେ
ମରମରେ ଭେଦେ ଶବ୍ଦ ଭାବେ ଖେଦେ
ଆନମନା ପ୍ରାଣ ହଜେ
ତା'ର ଉଜାଣି ସ୍ରୋତରେ।


♥ ସଚିବ,ସୃଜନ ଶ୍ରୀକ୍ଷେତ୍ର
ମାର୍କୋଣା,ବାଲେଶ୍ୱର-୭୫୬୧୨୬
ମୋ: ୯୪୩୭୩୭୨୧୬୬




## ଗୈରିକ ବୈରାଗ୍ୟ

### ଶରତ କୁମାର ଦାସ

କାହାକୁ ଭରସା କରିବ ତମେ ?
ବିଶ୍ୱାସକୁ ନା ନିଃଶ୍ୱାସକୁ
ଏ ଦୃଶ୍ୟମାନ ଚକମକ ଜଗତକୁ
ନା ଅଦୃଶ୍ୟର ସେଇ ମହାନ ସତ୍ୟକୁ ?

ପାଣିଚିଆ ଜହ୍ନ ଆଲୁଅରେ କ'ଣ
ଜିଇହୁଏ ତମାମ ଆୟୁଷ
ନା ମୁଠାଏ ଡହଡହ ବୈଶାଖୀ ତାତିକୁ
ଏକାନ୍ତ ନିଜର କରିହୁଏ କେବେ ?

ଅଧାଗଢା ଚିତ୍ରଟିରେ
ଯେତେ ରଙ୍ଗ ମାଖିଲେ ବି
ଜୀବନ୍ୟାସ ଦେଇପାରେ କି ତାକୁ
ସେ ବିମୁଗ୍ଧ ଚିତ୍ରକର ?

ବେଳେ ବେଳେ ଆଖି ହଳକ
ହତାଶ ହୋଇପଡନ୍ତି ,
ଯୁଗ ଯୁଗର ଅଳସପଣରେ
ଚାହିଁ ପାରନ୍ତି ନି ଆକାଶକୁ ସିଧା ।

କାଚଘର ଭଳି ଚୂରମାର ହୋଇ
ଦମ୍ଭ ଯେତେ ଭାଙ୍ଗିଗଲା ପରେ
ଭାଙ୍ଗିଯାଏ ମଝି ହାଡ ସହଜରେ
ଶୂନ୍ୟରେ ଆହୁଲା ମାରିଲା ଭଳି
ତମାମ ଜୀବନଟା ଲାଗେ
ବ୍ୟର୍ଥ ଓ ବୀଭତ୍ସ ।

ଠିକ୍ ସେତିକିବେଳେ କାହିଁ କୋଉଠୁ
କେହି ଜଣେ କହିଦିଏ କାନେ-
"ଏତେ ଭାବନା କାହିଁକି ?
ମୁଠାଏ ମାଟି ଓ ଚାଖେଣ୍ଡ ଆକାଶକୁ
ନିଜର କରି ବି ବଂଚିହୁଏ ଜୀବନ।
ଯଦି କେବେ ଗୈରିକ ବୈରାଗ୍ୟର
ଉନ୍ମୀଳିତ ଭାବ
କବଜା କରେ ମଣିଷର ତନୁ ଆଉ ମନ ।

ଏବେ ତ ସାଧନାର ମହାର୍ଘ ସମୟ
ଥୟଧର ଟିକେ ।"


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ
ବିଭାଗ, ବଡବିଲ
ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଜଳ-ସମାଧି

### ପ୍ରମୋଦ କୁମାର ମହାପାତ୍ର



ହଜିଛି ପରାଣ କବନ୍ଧ ପଡ଼ିଛି ରହି,
ଜଳ-ସମାଧି ଏ ଅତୀତର ସ୍ମୃତି ବାହୁନି କାନ୍ଦୁଛି ନଈ।

ସୁନାର ଫସଲ କରିଛି ଅମଳ ଚାଷୀ ମନ ଭାରି ଖୁସି
ଅଧୁରା ସପନ, ପକ୍ଷୀ ନୀଡ଼ ଛିନ୍ନ, ସୁଖ ରହିଲାନି ବେଶି,
ଆପଣା ହରାଇ ବିସ୍ଥାପିତ ହୋଇ କେଉଁ ଆଡେ ଯିବ ଧାଇଁ !

ଆକାଶରେ ରବି ଦେଖେ ନିଜ ଛବି ପଦୁଅଁ ପୋଖରୀ ନୀରେ
ଗୋଧୂଳି ଲଗନେ ହରଷ ମଗନେ ଗାଈଆଳ ଫେରେ ଘରେ,
ଉଜୁଡ଼ି ଯାଇଛି ଥିଲା ଯାହା କିଛି ହତାଶାରେ ନିଦ ନାହିଁ।

ତେଜି ମାୟା ମୋହ ଏହି ଗାଁ' ଝିଅ ବାହା ହୋଇ ଯାଏ ଚାଲି
ଅଜଣା ସଂସାରେ, ଅଚିହ୍ନା ସାଥିରେ ବାପା ଦେଇଥିଲେ ଠେଲି,
ଉଦାସ ତା' ଆଖି ଆଜି ବି ଖୋଜୁଛି କାହିଁ ସେଇ ପ୍ରିୟ ଭୂଇଁ!

କାହା ପୁଷ ମାସ,କାହା ସର୍ବନାଶ କପାଳରେ କି'ବା ଲେଖା
ଖରା ଛାଇ ପରି ବଦଳେ କିପରି ମଣିଷର ଭାଗ୍ୟ ରେଖା,
ଭଉଁରୀ ମୁହଁରେ, ଉଜାଣି ସୁଅରେ ମଣିଷର ଥୟ କାହିଁ?


♥ କଳାପାଣି, ବରଗଡ
ମୋ: ୯୪୩୭୫୭୮୩୧୧


## ମୋ ମାଆ

### ଜିତେନ୍ଦ୍ର ଚନ୍ଦ୍ର ସାହୁ



ମୋ ଓଠର ହସ ପାଇଁ ସର୍ବସ୍ୱ
କରି ପାରେ ତ୍ୟାଗ
ଦେଇ ପାରେ ନିଗାଡ଼ି ଛାତିରୁ ଅମୃତ
ତୋଳି ପାରେ ଆକାଶରୁ ଚାନ୍ଦ
ସଜାଇବ ଗହଳ ମାଣ୍ଡିଆର ଶେଜ
ଆଉ ପଣତର ସୁରକ୍ଷା କବଚ
ମୋ ମାଆ ।

ଏ ଶରୀର ରକ୍ତ ମାଂସ ଯାର
ନିଶ୍ୱାସ ପ୍ରଶ୍ୱାସ ପବନ ଯାହାର
ହୋଇ ପାରେ ମହାଦୃମ ବୈଶାଖ ତାତିର
ବର୍ଷାତି ହୋଇ ଟାଳି ପାରେ ବାରିଧାରା
ଉଷୁମ କୋଳ ନ ଡ଼ରେ ହୀମ ପ୍ରବାହର
ମୋ ମାଆ ।

ମୋ ଜୀବନ ସଙ୍ଗୀତର ସୁମଧୁର ସ୍ୱର
ବିଦ୍ୟାଦାତ୍ରୀ, ଧନଦାତ୍ରୀ ମୋ ପାଇଁ କୁବେର
ଜ୍ୟୋତିଷ ଶାସ୍ତ୍ର ବିଷାରଦ ପୁଣି ସେ ଡାକ୍ତର
ମୋ ଉଚ୍ଚ ଅଟ୍ଟାଳିକା ଯନ୍ତ୍ରୀ କାରିଗର
ମୋ ମାଆ ।

ଭାଗ୍ୟ ଲେଖା ଜୀବନ ଗ୍ରନ୍ଥର
ଭାଷାକୋଷ ସମସ୍ତ ଶବ୍ଦର
ଆକାଶର କାଗଜ ଫର୍ଦ୍ଦରେ
ସାଗରକୁ କାଳି କରି
ତୋ ପାଇଁ ଲୋ ମାଆ
ଯେତେ ଲେଖିଲେବି
ଧାଡ଼ିଏ ହେବନି ମୋର
ମୋ ମାଆ ।


♥ ବସୋଇ, ପରଜଙ୍ଗ, ଢେଙ୍କାନାଳ
ମୋ: ୯୭୭୬୪୫୪୮୦୦


## ଦୁଇଟି ଚରିତ୍ର

### ଲକ୍ଷ୍ମୀପ୍ରିୟା ମାଇତି



ଦୁଇଟି ଚରିତ୍ରର
ଅନ୍ତରା ମୁଁ ।

ଜଣେ କଲା
ମୋତେ ବରଣ
କଲା ଆଉ ଜଣେ ମୋତେ ହରଣ।

ବରଣେ କଲା ଯେ-
ସେ ମୋର ହେଲା
ଇହ ଆଉ ପର କାଳର ଦେବତା
ତା ପାଇଁ ତେଜିଲି
ଜୀବନର ଯେତେ ସୁଖ ବୈଭବ
ଆଦରି ନେଲି କଣ୍ଟକ ବନ।
କିନ୍ତୁ ସେ ବୁଝିଲାନି ମୋତେ
ଚରିତ୍ରହୀନା ଭାବି
କଲା ମୋତେ ସନ୍ଦେହ
ନେଲା ମୋର କଠୋର ପରୀକ୍ଷା
କିନ୍ତୁ
ମୁଁ ହେଲି ଉତ୍ତୀର୍ଣ୍ଣ
ତଥାପି ସେ ମୋତେ ଚିହ୍ନିଲାନି
ଦୂରେଇ ଦେଲା
ଫିଂଗିଦେଲା ବ୍ୟାଘ୍ର ଭଲ୍ଲୁକ ସମ୍ମୁଖକୁ ।
ସଂଘର୍ଷ କରି ଜୀଇଲି ମୁଁ
ସତ୍ୟକୁ ସାଥୀ କରି
ତଥାପି ସେ ମୋ ପିଛା ଛାଡିଲାନି
ଶେଷେ ହେଲି ତା ପାଇଁ ପାତାଳଗାମୀ।
ସେଥିପାଇଁ ସେ ହେଲା
ଏ ସମାଜ ପାଇଁ ଦେବତା
ଚରିତ୍ରବାନ୍
ମର୍ଯ୍ୟାଦାବନ୍ତ ପୁରୁଷ।

ଆଉ ଯେ ମୋତେ
କରିଥିଲା ହରଣ 'ସିଏ'-
ଦୂର କରିବା ପାଇଁ ମୋର ଅସୁସ୍ଥତା
ରଖିଲା ମୋତେ
ଔଷଧୀୟ ବୃକ୍ଷ ଛାୟା ତଳେ।

ଖଟେଇଲା ମୋ ପାଦ ତଳେ
କେତେ ଦାସ ଦାସୀ
ପୂଜିଲା ମୋତେ ମା' ରୂପରେ ।

ମୋପାଇଁ କଲା ବି ଯୁଦ୍ଧ
ହରେଇଲା ଧନ, ଜନ,ପରିବାର

ଆଉ ଆପଣା ରାଜ୍ୟ।
ଶେଷରେ ଦେଇ ଦେଲା ବି
ଜୀବନ ମୋରି ପାଇଁ ।
କିନ୍ତୁ ସେ ହେଲା ଲମ୍ପଟ
ଦୁରାଚାରୀ, ଅସୁର
ଏ ସାରା ସଂସାର ଆଖିରେ ।


♥ ମୋ: ୯୪୩୯୦୭୭୩୯୫


## କବିତା : ମୁଁ ଲେଖେ... !

### ଡମ୍ବରୁଧର ବେହେରା



ମୁଁ ଲେଖେ ମୋ ପାଇଁ
ତୁମ କଥା ମନେପଡେ ଯେବେ
ହୃଦୟର କୋହକୁ ଆଖିର ଲୁହରେ
ନିରବତାର ସରବତରେ
ସାକାରିନ ମିଳାଇବା
କାମରେ ନିଜକୁ ବ୍ୟସ୍ତ ରଖିବାକୁ... !
ମୁଁ ଲେଖେ
ଯେତେବେଳେ ମୋ ଛାତିର କଳିଜାରୁ
ପ୍ରତିଶୋଧର ନିଆଁ ଜଳେ
ଲିଭିବାର ନାଆଁ ଧରେ ନାହିଁ....... !
ମୁଁ ଲେଖେ
ମଣ୍ଡୁକକୁ ଅହି
ତିଳ ତିଳ କରି ମାରି ନିଜକୁ ରାଜା କହି
ଡିଣ୍ଡିମ ମାରି ଆସୁଥିବାରୁ..... !
ନଚେତ, 'ଶିଶୁ କଙ୍କି'ଟିଏ
ବେଙ୍ଗଟି ମୁଖରୁ
ନିଜକୁ ବଞ୍ଚେଇବାକୁ ନିର୍ଥକ ଚେଷ୍ଟା କରି
ବିଫଳ ହେବାରୁ...... !
ଲେଖେ ପୁଣି
ସମାଜର ବଡ଼ ବଡିଆଙ୍କ
ନିର୍ଲଜ୍ଜ ପଣିଆ ଭିତରେ ଲୁଚି ରହିଥିବା
ରକ୍ତମୁଖା ଗୁଇଁର
ପିଠି ଉପରୁ ଛାଲ ଉତାରି
ସାଧୁ ସନ୍ଥ ମାନଙ୍କ ହାତର ଖଞ୍ଜଣି ତିଆରି
ହାତରେ ହାତକୁ ଦେବାକୁ...... !!


♥ (ଓଡ଼ିଆ ଶିକ୍ଷକ)
ସୁରଳ (ଗଞ୍ଜାମ)
ମୋ:୯୪୩୭୭୮୮୪୬୪


## ଜୀବନଦର୍ଶନରେ...

### ଡାଃ ମନୋରଞ୍ଜନ ଦାଶ



କପଟତାର ଫାଶରେ ବହୁବାର
ବନ୍ଧା ପଡୁଥିବା
ଏକ ଭାବପ୍ରବଣତାର ସରଳପଣ !
ଆତ୍ମୀୟତାପଣକୁ ଉଣ୍ଡାଳୁଥିବା ଢେର୍
ମରୀଚିକାର
ଆକାଂକ୍ଷା...
ଅବଶ୍ୟ ବିଶ୍ୱାସରେ ପ୍ରେମ ଥାଏ ବୋଲି
ଜାଣିଲେ ବି ଉପେକ୍ଷାର ଉଦ୍ ବେଗକୁ
ପରବାୟ ନ ଥାଏ।
ଭୂମିରୁ ଭୂମା ପର୍ଯ୍ୟନ୍ତ ନୀରବତା ଓ ଶବ୍ଦରେ
ଭରପୂର ହୋଇଯାଆନ୍ତା ବୋଲି
ସ୍ୱପ୍ନିଳ ମନ କୁହେ....
ଆହ୍ୱାନକୁ କିଏ ଆଦରୁ ବା ନବୁଝୁ,
ଆହ୍ୱାନରେ ଆତ୍ମିକ ଭାବର ଚେନାଏ
ସ୍ୱାକ୍ଷରକୁ
ଛାତିରେ ଧରି ସବୁ ସହି-ବହିବାକୁ
ନିଟୋଳପଣଟିଏ !
ଛାତିକୁ ଚଉଡା କରିବାଟା ତ ସ୍ଥିତପ୍ରଜ୍ଞର
ପ୍ରବହମାନ ଧାରାଟିଏ,
ତା'ରି ପାଥେୟରେ ଜୀବନଟା ମଧୁମୟ ।
ଏବେ ଚାରିଆଡ଼େ ଛଳନାମୟ...
ଏଠି କିଏ ଅବା କାହାକୁ ବୁଝୁଚି ?
ବୃଥା ଅହଂର ଆସ୍ପର୍ଦ୍ଧାରେ କ'ଣ ଜୀବନକୁ
ବୁଝି ହୁଏକି ସୁଜନେ !
ଖାଣ୍ଟି ସ୍ୱାଭିମାନପଣରେ ଗଢା ଏ କବିତା !
ଦୀର୍ଘଶ୍ୱାସ ଓ ନୀରବତା !


♥ ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି : କେନ୍ଦ୍ରାପଡ଼ା
ମୋ: ୯୪୩୭୩୧୭୭୨୨


## ମୋ' ରାଣ

### ଧର୍ମେନ୍ଦ୍ର କୁମାର ସିଂହଦେଓ



କଥା କଥାରେ ତମେ ଦେଇ ଚାଲି ଗଲ ମୋ' ରାଣ,
ସ୍ଫୁରିତ ଅଧରେ ପଡିଗଲା ଅବିକଳ ବିରାମ ଚିହ୍ନ।
ଭାବନା ସାଗରେ ଖେଳି ଯାଉଥାଏ ନାନା ବିପ୍ଲବ ତରଙ୍ଗ,
ବ୍ୟାକୁଳ ହଦୟ ମନେ ପକାଏ ସେହି ଅଭୁଲା ଅନ୍ତରଙ୍ଗ ।

ମୋ'ରାଣ ର କୋହରେ ଅଭୁଝା ମୋ ମନ ହୁଏ ଛାଟିପିଟି,
ପଛେ ପଛେ ଚାଲିବାକୁ ଚାହିଁ ବି ପାଦ ଯାଏ ଅଟକି।
ଭାବୁଥାଏ ସେହି ସ୍ନେହ ସିକ୍ତ ମନ୍ଦ ମଧୁର ସ୍ମୃତି,
ବସିଥାଏ ଥକି ଯାଇ ଅଶ୍ରୁମାରୀ ଆଶା କୁ ସାଉଁଟି।

ଖାଲି ଖାଲି ଲାଗେ ଦୁନିଆ ଜାତକ ମୋ'ରାଣ ର ପାଶେ,
ଜଣା ପଡ଼େ ନାହିଁ ଅବାଧ ଲୁହ ଆଖିରୁ ବହି ଆସେ।
ଅବୁଝା ମନକୁ ବୁଝେଇ ନ ପାରି ମର୍ମାହତ ହୋଇଥାଏ,
ଅକୁଆ କଥା ସବୁ ରହି ଯାଏ ଏହି ବିଶାଳ ହୃଦୟେ ।

ମୋ'ରାଣ ର ଶକ୍ତି ସମ୍ମୁଖେ ସତ୍ୟ ସ୍ନେହକୁ ମୁଁ ହରେଇ,
ବିବଶ ବେଶରେ ଅଗାଧ ଜଳରେ କାତକୁ ନ ପାରେ ଆଗେଇ।
ତୁମ ନୟନଯୁଗଳେ ମୋ ପାଇଁ ସେହି ସ୍ନେହ ଖୋଜି ଖୋଜି,
ହଜି ଯାଏ ପୁଣି ସପନ ରାଇଜେ ମିଳନର ଆଶା ନେଇ ।


♥ ସଦାଶିବ ପରିସର, ପୁରୀ
ମୋ: ୯୪୦୬୫୧୬୪୩୫


## ରୋମିଓ ବୟ

### ସତ୍ୟଜିତ୍ ମହାପାତ୍ର



ବୁଝେ ନାହିଁ ମୁଁ ପ୍ରେମର ଅର୍ଥ
ବୁଝେ ନାହିଁ ପ୍ରେମ ଜ୍ୱାଳା
ଭଲପାଇବାର ମନ୍ଦିର ଗର୍ଭରେ
ପ୍ରେମ ଅଟେ ମୁଖଶାଳା

ଜାଣେନାହିଁ ତ ପ୍ରେମର ପାଉଣା
ଜାଣେନାହିଁ ପ୍ରେମ ଚିହ୍ନ
ସାତ ଦରିଆକୁ ପାରି କରୁଥିବା
ଅମାନିଆ ଏକ ମନ

ଶୁଣିନାହିଁ ମୁଁ ପ୍ରେମର ସଙ୍ଗୀତ
ଶୁଣିନାହିଁ ପ୍ରେମ ସ୍ୱର
ପ୍ରିୟାର କଥାଟି କାନେ ଗଲେ ବାଜି
ସତେ ଲାଗେ ପଞ୍ଚାକ୍ଷର

ଦେଖିନାହିଁ ତ ପ୍ରେମ ପ୍ରତିରୂପ
ଦେଖିନାହିଁ ପ୍ରେମ ଛବି
ମନ ଗହ୍ୱରର ହୃଦ ଅନ୍ତରାଳେ
ନିତି ଭାବୁଥିବା କବି

କହେ ଆଜି ମୁହିଁ ବହେ ପ୍ରେମ ଋତୁ
ଆସିବ ଫଗୁଣ ମାସ
ନାୟକ ନାୟିକା ମଧୁର ମିଳନେ
ପ୍ରେମ ହୁଏନାହିଁ ଶେଷ।


♥ ମାଣିକଡିହା, ଖୋସାଲପୁର,
ଦଶରଥପୁର, ଯାଜପୁର
ମୋ: ୯୮୬୧୪୦୦୦୨୯


## ଏକ ସୂତ୍ରେ ବନ୍ଧା ଜୀବନ

### ସୁରାତ୍ରୀ ପ୍ରଧାନ

ସ୍ୱରରେ ନ ଥିଲା ଅବ୍ୟକ୍ତ ବେଦନା
ଥିଲା ଖାଲି ଅନ୍ତସ୍ୱର
ଆଖିରେ ନଥିଲା ଲୁହର ଜୁଆର
ହୃଦୟେ ଲହୁର ଧାର,

କଳ୍ପନାରେ ନାହିଁ ଆଶା ପାରିଜାତ
ଥିଲା କିଛି ନିବିଡ଼ତା
ମନରେ ନଥିଲା ପାଇବାର କିଛି
ଥିଲା ତ ଆନ୍ତରିକତା,

ଇଛାରେ ନଥିଲା ଭଲ ପାଇବାର
ରୋମାଞ୍ଚ ଭରା କାହାଣୀ
ଚାହୁଁ ଥିଲା ମନ ସ୍ନେହ ମମତାର
ଛୋଟ ଏକ ନିର୍ଝରିଣୀ,

ହୀରା ନୀଳା ମୋତି କିଛି ଲୋଡ଼ା ନାହିଁ
ଜୀବନର ପଥ ଧାରେ
ବଂଚିବାକୁ ଲୋଡ଼ା ଏକସୂତ୍ରେ ବନ୍ଧା
ପରସ୍ପର ବିଶ୍ୱାସରେ ।


♥ କୁସୁପୁର, ଗୋପ, ପୁରୀ-୭୫୨୧୧୦
(ମୋ) ୭୦୦୮୨୬୦୫୧୬


## ସ୍ପନ୍ଦନ

### ସିଦ୍ଧେଶ୍ୱର ତ୍ରିପାଠୀ

ଅତୀତର ଯେତେ ସାଇତା ସପନ
ସେବେଠୁ ସେମିତି ଅଛି
ତୁମେ ବା କେତେଟା ମନେ ରଖିଥିବ
ଭୁଲି ଯାଇଥିବ କିଛି ।

ଯେବେ ଅବସର ମିଳେ
ତୁମ କଥା ଭାବି ଆଖି ଓଦା ହୁଏ
ଭିତରେ ଭିତରେ ଜଳେ ।

ଛାଡ଼ିବି ଛାଡ଼ିବି ଭାବୁଥାଏ ସିନା
ଛାଡି ପାରେନି ସେ ନିଶା
ସେଇ ନିଶା ବଡ଼ ଭୟଙ୍କର ଜାଣି
ବାନ୍ଧି ବସେ ନୂଆ ଆଶା ।

ପାରେନି କାହାକୁ କହି
ଅଭୁଲା ସ୍ମୃତିକୁ ଛାତିତଳେ ରଖି
ଯମାବି ପାରେନି ରହି ।


♥ ଖୋର୍ଦ୍ଧା
ମୋ:୭୦୦୮୩୧୫୦୪୦

ଧ୍ୱନି ପ୍ରତିଧ୍ୱନି

୬ ♣ ବାଲେଶ୍ୱର ♣ ଜାନୁଆରୀ ୧୬ ମଙ୍ଗଳବାର, ୨୦୨୪

# ଚାଲ ବୁଲିଯିବା : ପାସିଘାଟ

ବୁଲିବାକୁ ଯିବା ପାଇଁ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଖୁବ୍ ସୁନ୍ଦର ସ୍ଥାନ। କାରଣ ଅନ୍ୟ ରାଜ୍ୟ ତୁଳନାରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରଦୂଷଣମୁକ୍ତ। ତୁଳନାତ୍ମକ ଭାବେ ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟକମ୍। ଗୋଟିଏ ପଟେ ପାହାଡ଼ କୋଳରେ ଯେମିତି ମେଘମାନଙ୍କ ଭାସି ବୁଲୁଥିବାର ଦୃଶ୍ୟ ଆଖି ଏବଂ ମନ ଉଭୟକୁ ପରିତୃପ୍ତି ଦେଇଥାଏ। ଅନ୍ୟପଟେ ଘଂଚଞ୍ଚ ସବୁଜ ଜଙ୍ଗଲ ସେମିତି ଭିଡ଼ ମଧ୍ୟରୁ ହଜିଯାଇ ନିଜକୁ ନୂଆ କରି ଖୋଜି ବାହାର କରିବାର ଆଶ୍ୱାସନା ଯୋଗାଇଥାଏ। ଉତ୍ତର ପୂର୍ବାଞ୍ଚଳ ପାସିଘାଟ ଅରୁଣାଚଳ ପ୍ରଦେଶର ଅନ୍ୟତମ ସୁସଜ୍ଜିତ ସହର। ଦେଶର ପ୍ରଥମ ୧୦୦ଟି ସ୍ମାର୍ଟ ସିଟି ତାଲିକା ମଧ୍ୟରେ ଏହି ପାସିଘାଟ। କିନ୍ତୁ ଦେଶର ଅନ୍ୟ ମହାନଗରୀଗୁଡ଼ିକ ତୁଳନାରେ ଏହି ସହରଟିକୁ ଏବେବି ଗ୍ରାସ କରିପାରିନି ପ୍ରଦୂଷଣ। ପୂର୍ବ ସିୟାଂ ଜିଲ୍ଲାର ସଦର ମହକୁମା ଭାବେ ପରିଚିତ ପାସିଘାଟ ଅରୁଣାଚଳର ପ୍ରାଚୀନ ସହରଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହି ସହରଟିକୁ କେନ୍ଦ୍ର କରି ଗଢ଼ିଉଠିଛି ଛୋଟ-ବଡ଼ ଅନେକ ପର୍ଯ୍ୟଟନସ୍ଥଳୀ।






**ଡେୟିଂ ଏରିଂ ଅଭୟାରଣ୍ୟ :** ପାସିଘାଟର ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ହେଉଛି ଏହି ଅଭୟାରଣ୍ୟ। ସାଇବେରିଆ, ମଙ୍ଗୋଲିଆ ଆଦି ଦେଶରୁ ଆସିଥିବା ଅତିଥି ପକ୍ଷୀଙ୍କ ଭିଡ଼ ଏହି ଅଭୟାରଣ୍ୟରେ ସୌନ୍ଦର୍ଯ୍ୟକୁ ବହୁ ଗୁଣରେ ବୃଦ୍ଧି କରିଥାଏ। ଏହା ସହିତ ଘନ ସବୁଜ ଜଙ୍ଗଲ ଏବଂ ବିଶାଳ ଜଳାଶୟ ଏହି ଅଂଚଳଟିକୁ ପର୍ଯ୍ୟଟକମାନଙ୍କ ପାଇଁ ଆହୁରି ଆକର୍ଷଣୀୟ କରିପାରିଛି। ସବୁଠାରୁ ମାତ୍ର ୨୦ କିମି ଦୂରତ୍ୱରେ ଅବସ୍ଥିତ ଏହି ଅଭୟାରଣ୍ୟ ପରିବେଶ କୋଳରେ ଛୁଟି କଟାଇବାର ଆଦର୍ଶ ସ୍ଥାନ।

**କେକାର ମନିଂ :**

ପାସିଘାଟ ଯାଇ ଏହି ଐତିହାସିକ ସ୍ଥଳୀକୁ ଯାଇ ନଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହୁଏତ ହାତଗଣତି ହୋଇଥିବ। ରୋଟାଂ ପାଖରେ ଅବସ୍ଥିତ ଏହି ପାହାଡ଼ି ଅଂଚଳ ୧୯୯୧ ମସିହାରେ ବ୍ରିଟିଶମାନଙ୍କ ବିରୁଦ୍ଧରେ ହୋଇଥିବା ଏକ ଘମାଘୋଟ ଯୁଦ୍ଧର ମୁକସାକ୍ଷୀ। ତେଣୁ ଇତିହାସପ୍ରେମୀ ପର୍ଯ୍ୟଟକମାନଙ୍କ ପାଖରେ ଏହି ସ୍ଥାନ ବେଶ୍ ଗୁରୁତ୍ୱପୂର୍ଣ୍ଣ।

**ସିୟାଂ ଓ ବ୍ରହ୍ମପୁର ରିଭର ରାଫ୍ଟିଂ :**

ଆପଣ ଯଦି ରୋମାଞ୍ଚପ୍ରିୟ ପର୍ଯ୍ୟଟକ ହୋଇଥାନ୍ତି ଏବଂ ପ୍ରକୃତି କୋଳରେ ଉଦ୍ଦାମ ମୁହୂର୍ତ୍ତ ସୃଷ୍ଟି କରିବାରେ ବିଶ୍ୱାସୀ ତେବେ ସିୟଂ ଏବଂ ବ୍ରହ୍ମପୁର ନଦୀରେ ରିଭର ରାଫ୍ଟିଂ କରିପାରିବେ। ସହରଠାରୁ ପାଞ୍ଚକିଲୋମିଟର ଦୂରତ୍ୱରେ ଅବସ୍ଥିତ ଏହି ଦୁଇଟି ଜଳାଶୟ ରୋମାଞ୍ଚକର ଜଳକ୍ରୀଡ଼ାପାଇଁ ଆଦର୍ଶ।

**ପାନିଗିଂ :**

ପାନଗିଂକୁ କୁହାଯାଏ ଉତ୍ତର-ପୂର୍ବାଂଚଳର ପ୍ରୟାଗ। ସିୟାଂ ଏବଂ ସିୟମ ନଦୀର ମିଳନସ୍ଥଳ ପାନଗିଂରେ ଦେଖିବାକୁ ମିଳେ ସବୁଜ ଜଳରାଶିର ଅପରୂପ ସୌନ୍ଦର୍ଯ୍ୟ। ପାହାଡ଼ି ନଦୀର ଏହି ମିଳନକ୍ଷେତ୍ର ଏହାର ଅପୂର୍ବ ସୌନ୍ଦର୍ଯ୍ୟ ପାଇଁ ସବୁବେଳେ ପର୍ଯ୍ୟଟକମାନଙ୍କ ମନ ଜୟ କରିଆସିଛି।

**କିପରି ଯିବେ :**

ପାସିଘାଟର ନିକଟତମ ବିମାନବନ୍ଦର ହେଉଛି ଆସାମର ଡିବ୍ରୁଗଡ଼ (ମୋହନବାରି) ଏବଂ ଗୌହାଟି। ସେଠାରୁ ପ୍ରାଇଭେଟ୍ ଗାଡ଼ି ଯୋଗେ ପାସିଘାଟ ଯିବାର ବ୍ୟବସ୍ଥା ଅଛି। ଡିବ୍ରୁଗଡ଼ ଏବଂ ଇଟାନଗରରୁ ମଧ୍ୟ ପବନହଂସର ହେଲିକପ୍ଟର ସେବା ଉପଲବ୍ଧ। ପାସିଘାଟ ନିକଟତମ ଷ୍ଟେସନ ହେଉଛି ମୁରକୋଂ ସେଲେକ ଯେଉଁଠୁ ପାସିଘାଟର ଦୂରତ୍ୱ ୩୫କିମି। ଜଣେ ଚାହିଁଲେ ଠାରୁ ବସ କିମ୍ବା ପ୍ରାଇଭେଟ ଟ୍ୟାକ୍ସି ଯୋଗେ ପାସିଘାଟ ଯାଇପାରିବ। ଗୌହାଟି, ଇଟାନଗର, ଲକ୍ଷ୍ମୀପୁର ଆଦି ସ୍ଥାନରୁ ପାସିଘାଟକୁ ନିୟମିତ ବସ୍ ଏବଂ ଅନ୍ୟାନ୍ୟ ଗାଡ଼ି ଯାତାୟତ କରିଥାଏ। ତେବେ ପାସିଘାଟ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନଙ୍କୁ ପ୍ରଥମେ ଏକ ଅନୁମତି ପତ୍ର ଯୋଗାଡ଼ କରିବାକୁ ପଡ଼ିବ ଯାହା କି ଦିଲ୍ଲୀ, କୋଲକାତା, ଗୋହାଟି ଏବଂ ଡିବ୍ରୁଗଡ଼ରେ ଅବସ୍ଥିତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଲିଆସନ ଅଫିସରମାନେ ଦେଇଥାନ୍ତି। ନଚେତ ପାସିଘାଟ ସବ ଡିଭିଜନର ଡେପୁଟି କମିଶନରଙ୍କ ଠାରୁ ଏହି ଅନୁମତି ପତ୍ର ଯୋଗାଡ଼ କରିବାକୁ ପଡ଼ିବ। ତେବେ ଅଧିକାଂଶ କ୍ଷେତ୍ରରେ ପର୍ଯ୍ୟଟକଙ୍କୁ ଏହି କଷ୍ଟ ଉଠାଇବାକୁ ପଡ଼ିନଥାଏ। କାରଣ ଟୁରିଷ୍ଟ ଗାଇଡ଼ ଓ ଟ୍ରାଭେଲ ଏଜେନ୍ସି ଗୁଡ଼ିକ ଏହି ସୁବିଧା ଉପଲବ୍ଧ କରାଇଥାନ୍ତି।

# ଅଧିକ ଚିନ୍ତା ଦାନ୍ତକୁ କ୍ଷତି ପହଂଚାଏ



ଅଧିକ ଚିନି, ମଇଦା, ଅଜିନୋମଟୋ ପାଟିକୁ ସୁଆଦିଆ ଲାଗେ। କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ। ପ୍ରତିଦିନ ଖାଦ୍ୟରେ ଚିନିର ମାତ୍ରା କମ୍ କରନ୍ତୁ। ମଇଦା ଓ ଅଜିନୋମଟୋ ଠାରୁ ଦୂରେଇ ରୁହନ୍ତୁ। କାରଣ ଏପରି ଖାଦ୍ୟର ଅଭ୍ୟାସ ଆପଣଙ୍କୁ କରିଦେବ ରୋଗାଗ୍ରସ୍ତ। ଗୋଟିଏ ଦିନରେ ଚିନିର ମାତ୍ରା ଦୁଇ ଛୋଟ ଚାମଚ ରହିବା ସ୍ୱାସ୍ଥ୍ୟ ପାଇଁ ଭଲ। ମାତ୍ର ଏହାଠାରୁ ଅଧିକ ହେଲେ ଏହା ଦାନ୍ତକୁ କ୍ଷତି ପହଁଚାଇବା ସହ ଶରୀରକୁ ମୋଟା ମଧ୍ୟ କରାଏ। ଚିନିଯୁକ୍ତ ପାନୀୟ ପଦାର୍ଥ ଏବଂ ଜଙ୍କ ଫୁଡ଼ ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ଅଧିକ ବଢ଼ାଇଦିଏ। ଚିକିତ୍ସକଙ୍କ କହିବାନୁଯାୟୀ ଅଧିକ ଚିନି ସେବନ ଦ୍ୱାରା ଏହା ନିଶାରେ ପରିଣତ ହୁଏ ଏବଂ ଦାନ୍ତ ଜନିତ ସମସ୍ୟା ଉପୁଜେ। ଦାନ୍ତ ଏବଂ ଅନୁସନ୍ଧାନ ବିଭାଗର ଡାକ୍ତରଙ୍କ କହିବା ମୁତାବକ, ଦେଶରେ ୮୦ ରୁ ୯୦ ପ୍ରତିଶତ୍ ଲୋକମାନଙ୍କ ନିକଟରେ ମାଢ଼ି ଜନିତ ଓ ଡାଇବେଟିସ୍ ସମସ୍ୟା ହେବାରେ ଲାଗିଛି। ବଜାରରେ ମିଳୁଥିବା ବିଭିନ୍ନ ରକମର ଶୀତଳ ପାନୀୟ ହିଁ ଏହି ଦାନ୍ତ ଜନିତ ରୋଗ ସୃଷ୍ଟି କରେ। ବାରମ୍ବାର ପିଇବା ଦ୍ୱାରା ଲୋକେ ଏହାର ଅଭ୍ୟସ୍ତ ହୋଇପଡ଼ନ୍ତି।

# କିଡ଼ନୀ ଷ୍ଟୋନ ରୋକିପାରେ ସାଇଟ୍ରିକ୍ ଏସିଡ୍



ପ୍ରାକୃତିକ ସାଇଟ୍ରିକ ଏସିଡ୍ କିଡ଼ନୀ ଷ୍ଟୋନ୍ ରୋକିବାରେ ସହାୟକ ହୋଇପାରେ। ଏପରିକି ଷ୍ଟୋନକୁ ମିଳେଇବାରେ ମଧ୍ୟ ସକ୍ଷମ। ହାଇଡ୍ରୋକ୍ସିସାଇଟ୍ରେଟ (ଏଚସିଏ) ନାମକ ଯୌଗିକ କ୍ୟାଲସିୟମ ଅକ୍ସାଲେଟ୍ କ୍ରିଷ୍ଟାଲକୁ ମିଳେଇପାରେ, ଯାହା ମଣିଷର କିଡ୍‌ନୀ ଷ୍ଟୋନରେ ସବୁଠୁ ମୁଖ୍ୟ ଉପାଦାନ ବୋଲି ଅଧ୍ୟୟନ ସ୍ପଷ୍ଟ କରିଛି। କିଡ୍‌ନୀ ଷ୍ଟୋନ ଭଳି କଷ୍ଟଦାୟକ ସ୍ଥିତି ପାଇଁ ଅଧ୍ୟୟନ ଫଳପ୍ରଦ ଔଷଧ ପ୍ରସ୍ତୁତ କରୁଥିଲା। କିଡ୍‌ନୀ ଷ୍ଟୋନ ରୋକିବାରେ ଏଚ୍‌ସିଏ ଖୁବ୍ ଲାଭପ୍ରଦ ବୋଲି ଅନଲାଇନ୍ ଜର୍ଣ୍ଣାଲ୍ 'ନେଚର୍'ରେ ଗବେଷକମାନେ ଉଲ୍ଲେଖ କରିଛନ୍ତି। କମ୍ପ୍ୟୁଟେସନାଲ ଓ ମାନବ ଅଧ୍ୟୟନ ଦ୍ୱାରା ଏହି ତଥ୍ୟ ସଂଗ୍ରହ କରାଯାଇଥିବା ଅଧ୍ୟୟନର ମୁଖ୍ୟ ଲେଖକ ଆମେରିକାର ହଷ୍ଟନ୍ ୟୁନିଭର୍ସିଟିର ସହ ପ୍ରାଧ୍ୟାପକ ଜେଫରୀ ରିମର୍ କହିଛନ୍ତି। କିଡ୍‌ନୀ ଷ୍ଟୋନର ଆକାର ଛୋଟ। କଠିନ ଧାତୁ କିଡନୀ ମଧ୍ୟରେ ଜମା ହୋଇ ଏହା ସୃଷ୍ଟି ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ, ମେଦବହୁଳତା ଏହି ଆଶଙ୍କା ବୃଦ୍ଧି କରିଥାଏ।

# ୯୦% ଲୋକ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି



ବିଶ୍ୱର ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ଜଣ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି। ବାୟୁ ପ୍ରଦୂଷଣ ବାର୍ଷିକ ୬ ନିୟୁତ ଲୋକଙ୍କ ଜୀବନ ନେଉଛି ବୋଲି ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ)ର ଏକ ରିପୋର୍ଟରେ ପ୍ରକାଶ ପାଇଛି।

ଡବ୍ଲ୍ୟୁଏଚ୍‌ଓର ଜନସ୍ୱାସ୍ଥ୍ୟ ଓ ପରିବେଶ ବିଭାଗ ମୁଖ୍ୟ ମାରିଆ ନେଇରା କହିଛନ୍ତି, ଜାତିସଂଘର ସ୍ୱାସ୍ଥ୍ୟ ସମ୍ପର୍କିତ ଏହି ବିଶ୍ୱ ସ୍ତରୀୟ ସଙ୍ଗଠନର ତଥ୍ୟ ଏ ବାୟୁ ପ୍ରଦୂଷଣ ରୋକିବା ନେଇ ସଚେତନ କରିବା ପାଇଁ ପର୍ଯ୍ୟାପ୍ତ। ଏହି ସମସ୍ୟା ସହରଗୁଡ଼ିକରେ ସବୁଠୁ ଅଧିକ। କିନ୍ତୁ ଗ୍ରାମାଞ୍ଚଳରେ ମଧ୍ୟ ବାୟୁ ପ୍ରଦୂଷଣର ଭୟାବହତା କିଛି କମ ନୁହେଁ। ଅନୁନ୍ନତ ଦେଶଗୁଡ଼ିକର ବାୟୁ ବିକଶିତ ଦେଶଠାରୁ ଅପେକ୍ଷାକୃତ କମ ପ୍ରଦୂଷିତ। କିନ୍ତୁ ପ୍ରକୃତରେ ବାୟୁ ପ୍ରଦୂଷଣ ବିଶ୍ୱର ସବୁଠୁ ଦେଶର ସବୁ ସମାଜ ଉପରେ ଖରାପ ପ୍ରଭାବ ପକାଉଛି। ଏହାକୁ ଜନସ୍ୱାସ୍ଥ୍ୟ ପାଇଁ ଜରୁରିକାଳୀନ ପରିସ୍ଥିତି ବୋଲି କୁହାଯାଇପାରେ। ତେବେ ସରକାର ଯାନବାହାନ ଗୁଡ଼ିକୁ ଚଳାଚଳକୁ ଉଚିତ ଢଙ୍ଗରେ ନିୟନ୍ତ୍ରଣ, ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛ ରୋଷେଇ ଇନ୍ଧନକୁ ପ୍ରୋତ୍ସାହିତ କଲେ ଏ ଦିଗରେ ସୁଫଳ ମିଳିବ। ବିଶ୍ୱର ୩,୦୦୦ରୁ ଉର୍ଦ୍ଧ୍ୱ ସହରରୁର ସଂଗୃହୀତ ତଥ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ୯୨% ଲୋକ ଏଭଳି ପରିବେଶରେ ରହୁଛନ୍ତି, ଯେଉଁଠି ବାୟୁର ସ୍ତର ଡବ୍ଲ୍ୟୁଏଚଓ ଦ୍ୱାରା ନିର୍ଦ୍ଧାରିତ ଗୁଣବତ୍ତା ଠାରୁ ନିମ୍ନରେ ରହିଛି। ଘରୋଇ ଓ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁଁ ବିଶ୍ୱରେ ବାର୍ଷିକ ୬ ନିୟୁତ ଲୋକ ପ୍ରାଣ ହରାଉଛନ୍ତକି। ଚାଇନା, ମାଲେସିଆ ଓ ଭିଏତନାମ ସମେତ ଦକ୍ଷିଣ ଏସିଆ ଓ ପଶ୍ଚିମ ପ୍ରଶାନ୍ତମହାସାଗରୀୟ ଅଂଚଳରେ ସ୍ଥିତି ସବୁଠୁ ଉଦବେଗଜନକ ବୋଲି ଏଥିରେ କୁହାଯାଇଛି।



# ଓଜନ ବଢୁଥିଲେ

**ହର୍ମୋନାଲ ଚେଞ୍ଜେସ୍, ଭୁଲ ଡାଏଟ୍ ଷ୍ଟ୍ରେସ୍ ଏବଂ ବ୍ୟସ୍ତ ଜୀବନଶୈଳୀ କାରଣରୁ ପ୍ରାୟତଃ ଓଜନ ବଢ଼ିଯାଇଥାଏ। ଏହାକୁ କମ୍ କରିବାକୁ ଆମେ ବହୁ କୁସ୍ତି କଶରତ କରିଥାଉ। ତଥାପି ଓଜନ କମି ନଥାଏ। ତେବେ ଏହା ପଛରେ ରହିଥିବା ବଡ଼ ଭୁଲ୍ ହେଉଛି ଆମ ଡେଲି ରୁଟିନରେ ପରିବର୍ତ୍ତନ।**

- ଓଜନ କମ୍ କରିବାକୁ ଡାଏଟିଂ ନାମରେ କିଛି ଖାଦ୍ୟ ନଖାଇବା କ୍ଷତିକାରକ ଏହାଦ୍ୱାରା ଓଜନ କମିବା ପରିବର୍ତ୍ତେ ବଢ଼ିଯାଇଥାଏ ଏବଂ ବିଭିନ୍ନ ରୋଗ ମାଡ଼ିବସିଥାଏ।

-ଫ୍ରୁଟ୍ ଜୁସ୍, କେନ୍ଡ ଜୁସରେ ମାତ୍ରାଧିକ ସୁଗାର ଥାଏ। ଡାଏଟ କଲା ମଧ୍ୟ ଓଜନ ବଢ଼ାଇଦେଇଥାଏ। ତା'ଛଡ଼ା ଅତ୍ୟଧିକ ଲିକ୍ୱିଡ଼ ଡାଏଟ ମଧ୍ୟ ଦେହପାଇଁ ଖରାପ।

ସକାଳୁ ଜଳଖିଆ ନକରିବାକୁ ମେଟାବଲିଜମ ରେଟ୍ କମ ହୋଇଯାଇଥାଏ, ଯାହାଦ୍ୱାରା ଫ୍ୟାଟ ବର୍ଣ୍ଣ ହେବା ପ୍ରୋସେସ ଧିମା ହୋଇଯାଏ।



- ଦିନସାରା ଯଦି ଆପଣ ୩ଲିଟରରୁର କମ୍ ପାଣି ପିଉଛନ୍ତି ତ ଶରୀରରୁ ଖରାପ ତତ୍ୱ ବାହାରକୁ ଯାଇପାରେ ନାହିଁ ଯେଉଥିପାଇଁ ମେଟାବଲିଜିମ୍ ଧିମା ହୋଇଯାଏ ଏବଂ ଓଜନ ବଢ଼ିଯାଇଥାଏ।

- ରେଗୁଲାର ମର୍ଣ୍ଣିଂ ୱାକ କିମ୍ବା ଫିଜିକାଲ ଏକ୍ସରସାଇଜ ନକରିବା କାରଣରୁ କ୍ୟାଲୋରୀ ବର୍ଣ୍ଣ ହୋଇପାରେ ନାହିଁ। ଏହାଦ୍ୱାରା ଫ୍ୟାଟ୍ ବଢ଼ିଯାଇଥାଏ।

- ଡାଏଟରେ ପତ୍ରଥିବା ପରିବା, ଯେମିତି ପାଳଙ୍ଗ, ପତ୍ରକୋବି, ଫୁଲକୋବି, ସାମିଲ ନକଲେ ଓଜନ ବଢ଼ିଯାଇଥାଏ।

- କ୍ଷୀର, ଦହି, ପନିର, ଅଣ୍ଡା ନଖାଇବା ଦ୍ୱାରା ବଢ଼ିର ମେଟାବଲିଜିମ ପ୍ରୋସେସ ଧିମା ହୋଇଯାଇଥାଏ। ଏହାଦ୍ୱାରା ଓଜନ ବଢ଼ିଯାଇଥାଏ।

- ରାତିରେ ନିଦ ନ ହେଲେ ଓଜନ ବଢ଼ାଉଥିବା ହର୍ମୋନ୍ସର ଲେବଲ ବଢ଼ିଯାଇଥାଏ। ଏହାଦ୍ୱାରା ତୀବ୍ର ବେଗରେ ଓଜନ ବଢ଼ିଯାଇଥାଏ। ତେଣୁ ୭/୮ଘଂଟା ଯେମିତି ହେଲେ ଶୁଅନ୍ତୁ।

## ମାନସିକ ବିକୃତ ଯୁବକଙ୍କ ଆତ୍ମହତ୍ୟା

ନୀଳଗିରି , ୧୫/୧ (ନି.ପ୍ର): ନୀଳଗିରି ଥାନା ଅଧିନ ମିତ୍ରପୁର ଗ୍ରାମର ଯଦୁ ସିଂଙ୍କ ପୁଅ ରମେଶ ସିଂ(୫୨) ମାନସିକ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଛନ୍ତି ।ସୂଚନା ମୁତାବକ ରମେଶ ପୂର୍ବରୁ କିଡନୀ ଜନିତ ରୋଗରେ ପୀଡିତ ଥିଲେ ।ଘରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ମାନସିକ ଚାପଗ୍ରସ୍ତ ହୋଇ ଆଜି ନିକଟସ୍ଥ କୁକୁଡା ପଡା ନିକଟସ୍ଥ ଏକ ଶାଳ ଗଛରେ ଗାମୁଛା ସାହାଯ୍ୟରେ ଫାଶୀ ଦେଇଥିଲେ ।ସ୍ଥାନୀୟ କିଛି ପିଲା ସକାଳୁ ଦେଖିବା ପରେ ପରିବାର ବର୍ଗଙ୍କୁ ଜଣାଇଥିଲେ ।ନୀଳଗିରି ଥାନାରେ ୩/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା ।

## ବନବିଭାଗ ଦ୍ୱାରା ଶିଆଳିପତନି ଉଦ୍ଧାର

ନୀଳଗିରି , ୧୫/୧ (ନି.ପ୍ର): ନୀଳଗିରି ବନବିଭାଗ ଦ୍ୱାରା ଦୁଇଟି ଶିଆଳପତନି ଉଦ୍ଧାର କରି ଜଙ୍ଗଲରେ ଛାଡିଥିବା ସୂଚନା ମିଳିଛି । ଖବର ପାଇ ବନବିଭାଗ ସକାଳ ୮.୩୦ମିନିଟ ସମୟରେ ଗୋଟିଏ ଅଣ୍ଡିରା ଏବଂ ଗୋଟିଏ ମାଈ ଶିଆଳପତନିକୁ ନୀଳଗିରି ସେକ୍ସନ ରେମୁଣା ଥାନା ହେନ୍ତୋସରା ଗ୍ରାମ ନିକଟରେ ଉଦ୍ଧାର କରି ସ୍ୱର୍ଣଚୁଡ ସଂରକ୍ଷିତ ଜଙ୍ଗଲରେ ଛଡାଯାଇଥିବା ବାଲେଶ୍ୱର ଡିଏଫ୍‌ଓ ସୂଚନା ଦେଇଛନ୍ତି ।

# ଫକୀରମୋହନ ସାହିତ୍ୟ ପରିଷଦରେ ବ୍ୟାସକବିଙ୍କ ଜୟନ୍ତୀର ଦ୍ୱିତୀୟ ଦିବସ

## "ଫକୀରମୋହନ ହେଉଛନ୍ତି ଅନତିକ୍ରମଣୀୟ ବ୍ୟକ୍ତିତ୍ୱ": ଡ. ପ୍ରସନ୍ନ ପାଟଶାଣୀ



ବାଲେଶ୍ୱର, ୧୫/୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କର ୧୮୨ତମ ଜୟନ୍ତୀ ଓ ପରିଷଦର ୭୭ତମ ବାର୍ଷିକ ଉତ୍ସବର ଚାରିଦିନ ବ୍ୟାପୀ କାର୍ଯ୍ୟକ୍ରମର ଆଜି ଦ୍ୱିତୀୟ ଦିବସରେ ପୂର୍ବତନ ସାଂସଦ ତଥା ଯଶସ୍ୱୀ କବି ଡ. ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଜଣେ ଅନତିକ୍ରମଣୀୟ ବ୍ୟକ୍ତିତ୍ୱ ଭାବରେ ଚିତ୍ରଣ କରିଥିଲେ। ସେ କହିଲେ ଯେ ଫକୀରମୋହନ ନ ଥିଲେ ଓଡ଼ିଆ ଭାଷା ନିଜର ଅସ୍ତିତ୍ୱ ହରାଇଥାଆନ୍ତା। ଫକୀରମୋହନ ସାହିତ୍ୟ ପରିଷଦ ହିଁ ଫକୀରମୋହନଙ୍କ ସାହିତ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବାର କ୍ଷମତା ରଖିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ସହିତ କାନ୍ଧରେ କାନ୍ଧ ମିଳାଇ ପରିଷଦ ଫକୀରମୋହନଙ୍କ ସାହିତ୍ୟର ପ୍ରଚାର ଓ ପ୍ରସାର କରିବାଲାଗି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ତଥା ଯଶସ୍ୱୀ ଔପନ୍ୟାସିକ ଭାଗୀରଥି ଦାସ ଫକୀରମୋହନଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ଉପରେ ଆଲୋଚନା କରି ତାଙ୍କ ସାହିତ୍ୟକୁ ଶ୍ରେଷ୍ଠ ସାହିତ୍ୟ ରୂପେ ଅଭିହିତ କରିଥିଲେ। ଏହି ଅବସରରେ ୫୨୭ଖଣ୍ଡ ଉପନ୍ୟାସ ରଚନା କରିଥିବା ସାରସ୍ୱତ ସାଧକ ଭାଗୀରଥି ଦାସଙ୍କୁ ପରିଷଦର ସର୍ବୋଚ୍ଚ ପୁରସ୍କାର 'ଫକୀରମୋହନ ସାହିତ୍ୟଶ୍ରୀ' ଓ ଯୁବ ସାହିତ୍ୟିକ ସୁବ୍ରତ କୁମାର ସେନାପତିଙ୍କୁ 'ହାଜି ଅସରଫ୍ ଅଲ୍ଲୀ' ଉଦୟ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଡ. କୈଳାସଚନ୍ଦ୍ର ଦାଶଙ୍କୁ ପ୍ରବନ୍ଧ ସମ୍ମାନ, ଡ. ମଥୁରାନାଥ ହୋତାଙ୍କୁ ସମାଲୋଚନା ସମ୍ମାନ, ପିନାକୀ ମିଶ୍ରଙ୍କୁ କବିତା ସମ୍ମାନ, କାର୍ତ୍ତିକଚନ୍ଦ୍ର ବାରିକଙ୍କୁ ଗଳ୍ପସମ୍ମାନ, ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶଙ୍କୁ ଉପନ୍ୟାସ ସମ୍ମାନ, ରାମଚନ୍ଦ୍ର ମିଶ୍ରଙ୍କୁ ନାଟକ ସମ୍ମାନ, ଚିନ୍ତାମଣି ଦାସଙ୍କୁ ଗୀତିଶ୍ରୀ ସମ୍ମାନ, ଡ. ଭଗବାନ ବେହେରାଙ୍କୁ ଅନୁବାଦ ସମ୍ମାନ, ଶାନ୍ତନୁ ପାଣିଗ୍ରାହୀଙ୍କୁ ହାସ୍ୟ ଓ ବ୍ୟଙ୍ଗସାହିତ୍ୟ ସମ୍ମାନ, ଡ. ହେମନ୍ତ ଛୋଟରାୟଙ୍କୁ ଶିଶୁସାହିତ୍ୟ ସମ୍ମାନ, ଡ. ସୁବାସଚନ୍ଦ୍ର ପାତ୍ରଙ୍କୁ ସମ୍ବାଦସାହିତ୍ୟ ସମ୍ମାନ, ଡ. ଅଭୟ ନାୟକଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ସମ୍ମାନ, କମଳାକାନ୍ତ ଦାଶଙ୍କୁ ସାହିତ୍ୟ ସଂଗଠନ ସମ୍ମାନ, କୃଷ୍ଣ ନାୟକଙ୍କୁ ପତ୍ରିକା ସଂପାଦନା ସମ୍ମାନ, ଡା. ପ୍ରଭାତଚନ୍ଦ୍ର ଚୌଧୁରୀଙ୍କୁ ସାହିତ୍ୟିକ ଓ ସମାଜସେବୀ ସମ୍ମାନ, ଡ. ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କୁ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ ଓ ବିଜୟ ପଟ୍ଟନାୟକଙ୍କୁ ଭ୍ରମଣ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ପରିଷଦର ବରିଷ୍ଠ ସଦସ୍ୟ ଡ. ଭରତଚନ୍ଦ୍ର ପାତ୍ରଙ୍କୁ ୨୦୨୩ ପାଇଁ 'ପରିଷଦ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଗଦାଧର ସାହୁଙ୍କ କବିତାଗ୍ରନ୍ଥ 'ଆକାଶଦୀପ' ଅତିଥିମାନଙ୍କଦ୍ୱାରା ଲୋକାର୍ପିତ ହୋଇଥିଲା। ଏହାଛଡ଼ା ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କଦ୍ୱାରା ପ୍ରସ୍ତୁତ ତଥା ଅଞ୍ଜନ କୁମାର ଦେ, ଡ. ମଣୀନ୍ଦ୍ର ମେହେର ଓ ପ୍ରଫେସର ରବିନାରାୟଣ ଦାସଙ୍କ ପ୍ରାୟୋଜିତ ଜନ୍ ବୀମ୍‌ସ, ଗୋପବନ୍ଧୁ ଦାସ ଓ ରାଜା ବୈକୁଣ୍ଠନାଥ ଦେବଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଥିଲା। ଉତ୍ସବରେ ସଂପାଦକ ଦୀପକ ବୋଷ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିବାବେଳେ କୋଷାଧ୍ୟକ୍ଷ ତପନ ରାୟ ଶେଷକଥା ରଖିଥିଲେ। ଅପରାହ୍ଣ ୩ଟାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ମିଳିତ ଭାବରେ ଏକ ଆଲୋଚନା ସଭାରେ ଡ. ମନୋରମା ବିଶ୍ୱାଳ ମହାପାତ୍ର, ଡ. ମଥୁରାନାଥ ହୋତା ଓ ଡ. ରବୀନ୍ଦ୍ର ବିହାରୀ ବକ୍ତା ଭାବେ ଯୋଗଦାନ କରିଥିଲେ। ଅପରାହ୍ଣ ୫ଟାରେ ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ନିବାରଣ ଜେନା, ରଂଜନ ବାଗ, ଡ. ସୁକାନ୍ତ ଗିରି, ସ୍ମୃତି ଦାସ, କଲ୍ୟାଣୀ ନନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜେଶ ଗିରି ମଞ୍ଚଆବାହନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟା ୭ଟାରେ ହେମେନ୍ଦ୍ର ମହାପାତ୍ରଙ୍କ ରଚନା ଓ ଗୌରୀଶଙ୍କର ସାହାଣୀଙ୍କ ନିର୍ଦ୍ଦେଶନାରେ 'ସ୍ରଷ୍ଟା' ଅନୁଷ୍ଠାନ ପକ୍ଷରୁ ନାଟକ 'ଉଗ୍ରସେନ ଉବାଚ' ମଞ୍ଚସ୍ଥ ହୋଇଥିଲା।

# ଉଦଳାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା




ଉଦଳା , ୧୫/୧ (ନି.ପ୍ର): ବିଜ୍ଞାପିତ ଅଂଚଳ ପରିଷଦ , ଉଦଳା ତରଫରୁ ଚଳିତ ଜାନୁଆରୀ ୧୪ ତାରିଖ ରବିବାର ଦିନ 'ବିକଶିତ ଭାରତ ସଂକଳ୍ପ ଯାତ୍ରା' ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ର ସରକାରଙ୍କ ଯୋଜନା ସଂପର୍କରେ ଲୋକଙ୍କୁ ଅବଗତ କରାଇବା ଉକ୍ତ ଯାତ୍ରାର ମୁଖ୍ୟ ଉଦେଶ୍ୟ ବୋଲି ଜଣାଯାଇଛି । ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଯୋଗୁଁ ଆଜି ଆମ ଦେଶ କିପରି ଧିରେ ଧିରେ ଶକ୍ତିଶାଳି ହେବାରେ ଲାଗିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ସରୋଜ ପ୍ରଧାନ, ଖାଦ୍ୟ ଯୋଜନାରେ ଗରିବ ଲୋକଙ୍କୁ ମିଳୁଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଘରେ ଘରେ ପାଇଖାନା ଓ ପାଇପ ଜଳ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ନଗରପାଳ ପ୍ରମିଳା ପଣ୍ଡା ମହିଳାଙ୍କୁ ଆତ୍ମନିର୍ଭର କରିବା ଦିଗରେ କେନ୍ଦ୍ର ସରକାରଙ୍କ ଯୋଜନା ଯଥା - ବେଟି ବଚାଓ - ବେଟି ପଢ଼ାଓ, କର୍ମଜୀବି ମହିଳାଙ୍କ ପାଇଁ ଛାତ୍ରାବାସ ଯୋଜନା, ସ୍ୱାଧାର ଗୃହ ଯୋଜନା, ମହିଳା ଶକ୍ତିକେନ୍ଦ୍ର, କନ୍ୟା ସମୃଦ୍ଧି ଯୋଜନା, ରାଷ୍ଟ୍ରୀୟ ପୋଷଣ ଅଭିଯାନ, ମହିଳା ପୁଲିସ ସ୍ୱୟଂ ସେବକ ଇତ୍ୟାଦି ବିଷୟରେ ତନ୍ନ ତନ୍ନ କରି ବୁଝାଇ ଥିଲେ । କାଉନସିଲର ଶରତ ଚନ୍ଦ୍ର ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ବ୍ୟାସକବିଙ୍କ ଜୟନ୍ତୀ ପାଳନ ଓ ମକର ମିଳନ



ବାଲେଶ୍ୱର, ୧୫/୧ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଭାଗୃହରେ ସଭାପତି ଇଂ. ବନମାଳୀ ନାୟକଙ୍କ ପୌରୋହିତ୍ୟରେ ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀରମୋହନଙ୍କ ୧୮୨ ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମକର ସଂକ୍ରାନ୍ତି ଉତ୍ସବ ଉପଲକ୍ଷେ ମକର ବଣ୍ଟନ କରି ପରସ୍ପର ମଧ୍ୟରେ ସୁସମ୍ପର୍କର ଏକ ବାତାବରଣ କରାଯାଇଥିଲା। ଉପସ୍ଥିତ ସଦସ୍ୟ ସଦସ୍ୟାଙ୍କ ମଧ୍ୟରୁ ଶ୍ରୀ ଦେବେନ୍ଦ୍ର ଚୌଧୁରୀ, ସାବିତ୍ରୀ ଦାସ, ସଂଗଠନ ସମ୍ପାଦକ ସୁଜିତ୍ କୁମାର ଜେନା, ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ, ଅର୍ଥସମ୍ପାଦକ ଦାମୋଦର ନାୟକ, ଜ୍ଞାନେନ୍ଦ୍ର ସାହୁ, ଫକୀରମୋହନ ଭାଷା ସାହିତ୍ୟର ସ୍ରଷ୍ଟା, ତାଙ୍କର ନିଷ୍ଠା, ପ୍ରଚେଷ୍ଟା ପାଇଁ ଓଡ଼ିଆ ଭାଷା ତାର ଗୌରବରକ୍ଷା କରିପାରିଛି ବୋଲି କହିଥିଲେ। ଆମ ଜାତି ଓ ଭାଷା ପାଇଁ ଫକୀରମୋହନ ବାଲେଶ୍ୱରବାସୀଙ୍କ ପାଇଁ ସର୍ବଦା ଓ ସବୁକ୍ଷେତ୍ରରେ ସମ୍ମାନସ୍ପଦ। ଆମେ ତାଙ୍କର ଦାୟାଦ ଭାବରେ ଭାଷାର ମର୍ଯ୍ୟାଦା ରକ୍ଷା ପାଇଁ ଯତ୍ନବାନ ହେବୁ ବୋଲି ସମସ୍ତେ ଦୃଢ଼ ଶପଥ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ରନାଥ ପାଣି, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ଲମ୍ବୋଦର ଗିରି, ରାମଚନ୍ଦ୍ର ବାଗ, ସ୍ୱଦେଶ ରଞ୍ଜନ ମହାପାତ୍ର, କେଶବ ଚନ୍ଦ୍ର ମହାନ୍ତି, ସତ୍ୟନାରାୟଣ ନାୟକ ଇତ୍ୟାଦି ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଶ୍ରୀ ବସନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ହଳଦୀପଦା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ




ବସ୍ତା, ୧୫/୧ (ନି.ପ୍ର): ବ୍ୟାସକବି ଫକୀରମୋହନ ସେନାପତି ବାଲ୍ୟ ଅବସ୍ଥାରୁ ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ସେ କେବଳ ମହାସଂଗ୍ରାମ କରିଛନ୍ତି ।ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ ସେ କାଳଜୟୀ ପାଲଟିଯାଇଛନ୍ତି ।ସାହିତ୍ୟ ରଚନା ପ୍ରତି ତାଙ୍କ ସଂଗ୍ରାମ ଅତୁଳନୀୟ ହୋଇଥିବା ବେଳେ ଓଡ଼ିଆ ସାହିତ୍ୟରେ ସେ କଥା ସମ୍ରାଟ ଭାବେ ପରିଚିତ ।ଦିନ ଥିଲା ଫକୀରମୋହନ ଯୋଗୁଁ ଲଢେଇ ଲଢୁଥିଲେ ପୋଡ଼ଶୀ ପଶ୍ଚିମବଙ୍ଗର ପ୍ରାଦୁର୍ଭାବରେ ଓଡ଼ିଆ ଗୋଟିଏ ଭାଷା ନିଏ ଯାହା. କହୁଥିଲେ ସେ ସବୁ ଷଡ଼ଯନ୍ତ୍ରକୁ ହରେଇ ଆଜି ଓଡ଼ିଶା ଭାଷା ଶାସ୍ତ୍ରୀୟ ଭାଷାରେ ମାନ୍ୟତା ପାଇଛି ।ଆମ ଭାଷାର ସାହିତ୍ୟ,ପରିସ୍ଫୁଟନ ବଳରେ ଓଡ଼ିଶା ଭାଷା ମଧୁର ହୋଇପାରିଛି ।ସୀମାନ୍ତ ଅଞ୍ଚଳରେ ଷଢେଇକଳା ଓ ଖରସୁଆଁର ଲୋକେ ଆଜି ବି ଗୋଟିଏ ଓଡ଼ିଆ ଖବରକାଗଜ ପଢିବା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି ।ଯଦି ସେମାନେ କିଛି ଓଡ଼ିଶା ସମ୍ବାଦ ପତ୍ର ହେଉ କିମ୍ବା ମେଗାଜିନ ହେଉ ତାକୁ ପାଇବା ପରେ ସେମାନଙ୍କ ମଧ୍ୟରେ ଏକ ଉନ୍ମାଦନ ଭରିଆସେ । ସେମାନେ ଓଡ଼ିଶା ଠାରୁ ଦୂରେଇ ଯାଇଛନ୍ତି ସତ ହେଲେ ଓଡ଼ିଆ ଭାଷାକୁ ଭୁଲି ନାହାନ୍ତି ବୋଲି ଆଜି ସ୍ଥାନୀୟ ହଳଦୀପଦା କଣ୍ଟେଶ୍ୱର ଶୈବପିଠ ପ୍ରାଙ୍ଗଣରେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଡ୍.ବ୍ରଜଗୋପାଳ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଦୀନକୃଷ୍ଣ ସ୍ମୃତି ପରିଷଦର ସଂପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇଥିଲେ ।ମୁଖ୍ୟବକ୍ତା ଭାବେ ଦୀନକୃଷ୍ଣ ସାହିତ୍ୟ ପରିଷଦର ପ୍ରତିଷ୍ଠାତା କବି ବ୍ରଜେନ୍ଦ୍ର ଗିରି, ସମ୍ମାନୀତ ଅତିଥି ସକାଳ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ର, ସମ୍ମାନୀତ ଅତିଥି ବସ୍ତା ପ୍ରେସ୍ କ୍ଲବ ସଭାପତି ବିଜୟ କୁମାର ଭୂୟାଁ ପ୍ରମୁଖ ଯୋଗଦେଇ ୧୮୪୩ ମସିହା ଜାନୁଆରୀ ୧୩ ତାରିଖରେ ଫକୀରମୋହନ ଜନ୍ମଗ୍ରହଣ କରିଥିଲେ ।ବାପା ଲକ୍ଷ୍ମଣ ଚରଣ ସେନାପତି ଓ ମା ତୁଳସୀ ଦେବୀ। ମା'ଙ୍କ ମୃତ୍ୟୁ ପରେ ତାଙ୍କ ଜେଜେମା ତାଙ୍କୁ ଲାଳନ ପାଳନ କରିଥିଲେ ।ଫକୀରମୋହନ ବାରବାଟୀ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ ଆରମ୍ଭ କରିଥିଲେ ।ତାଙ୍କ ପାଠ ପଢା ମଧ୍ୟରେ ସେ ସବୁବେଳେ ଓଡ଼ିଆ ଭାଷାକୁ କିପରି ଭାବେ ଅଧିକରୁ ଅଧିକ ଆଗକୁ ନିଆଯାଇ ପାରିବ ତା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିଲେ ।ଜୀବନର ଶେଷ ୨୧ ବର୍ଷ ମଧ୍ୟରେ ବିଭିନ୍ନ ଗଳ୍ପ ଓ ଉପନ୍ୟାସ ରଚନା କରିବା ସହ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିଥିଲେ ଏବଂ ଆଜି ଓଡ଼ିଆ ଜାତି ଗର୍ବ କରୁଛି ଓ ଆମେ ଓଡ଼ିଆ ବୋଲି ମତବ୍ୟକ୍ତ କରିଥିଲେ ।ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଅନୁଷ୍ଠାନ ପକ୍ଷରୁ ଦୀନକୃଷ୍ଣ ସାହିତ୍ୟ ସାହିତ୍ୟ ପରିଷଦର ପ୍ରତିଷ୍ଠାତା ପ୍ରାଧ୍ୟାପକ ବିଶ୍ୱାଳଙ୍କୁ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହା ସହ ମ୍ୟାଟ୍ରିକରେ ସର୍ବୋଚ୍ଚ ନମ୍ବର ରଖିଥିବା ଶ୍ରୀଲେଖା ସାହୁଙ୍କୁ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା ।ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପୂର୍ବରୁ ଅଭିଭାବକ କର୍ମଶାଳା ସାଙ୍ଗକୁ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଦସ୍ୟ ଆଦିତ୍ୟ ସାହୁ ଧନ୍ୟବାଦ ଦେଇଥିଲେ ।ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଯୁବ ସମାଜସେବୀ ସଭାପତି ମହେନ୍ଦ୍ର ସାହୁ,ସଂପାଦକ ଅନୀଲ କୁମାର ସାହୁଙ୍କ ସମେତ ସଦସ୍ୟ ତପନ କୁମାର ସାହୁ,ପ୍ରତ୍ୟୁଷ ପ୍ରଧାନ, ଦେବାଶିଷ ସାହୁ,ସନ୍ତୋଷ ସାହୁ,କିଶୋର କୁମାର ସାହୁ,ଚନ୍ଦନ କୁମାର ସାହୁ,ହିମାଂଶୁ ସାହୁ, ଜଳଧର ମୁଣ୍ଡା,ଭରତ ବାରିକଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

# କୁଡୁମୀ ବା କୁର୍ମୀ କ୍ଷତ୍ରିୟ ଜାତିର ଟୁସୁ ପର୍ବ



ବେତନଟୀ, ୧୫/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ମକର ସଂକ୍ରାନ୍ତି ପର୍ବକୁ କୁଡୁମୀ ସଂପ୍ରଦାୟର ଲୋକମାନେ 'ଟୁସୁ ପର୍ବ' ରୂପେ ପାଳନ କରନ୍ତି। ଏହା ସାଧାରଣତଃ ପୌଷ ମାସରେ ପଡ଼ିଥାଏ। ପ୍ରତ୍ୟେକ ଗ୍ରାମରେ ଗ୍ରାମର ସମସ୍ତ ଯୁବତୀ ମାନେ ମିଶି ଏକ ଟୁସୁ ମୂର୍ତ୍ତି ଆଣିଥାନ୍ତି ଓ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିଥାନ୍ତି। ତା ପରେ ସେମାନେ ଧୂପ,ଦୀପ,ଫୁଲ ଆଦି ନୈବେଦ୍ୟ ଦେଇ ବନ୍ଦାପନା କରିଥାନ୍ତି। ଏହି ଟୁସୁ ପୂଜନରେ କୌଣସି ଧରାବନ୍ଧା ପୂଜନ ପଦ୍ଧତି ବା ନିର୍ଦ୍ଦିଷ୍ଟ ପୂଜା ମନ୍ତ୍ର ନାହିଁ ।କେବଳ ଧୂପ ଦୀପ ମାଧ୍ୟମରେ ବନ୍ଦାପନା କରାଯାଏ ।ଟୁସୁ ମୂର୍ତ୍ତିକୁ ବନ୍ଦାପନା କରି ସାରିବା ପରେ ସମସ୍ତ ଯୁବତୀ ମିଳିତ କଣ୍ଠରେ ଟୁସୁ ଗୀତ ଗାଇଥାନ୍ତି। ଏହି ଗୀତକୁ ଅନୁଧ୍ୟାନ କଲେ ଜଣାଯାଏ ଯେ,ସତେ ଯେମିତି କୌଣସି ଏକ ଅନୂଢା କିଶୋରୀର ଦୁଃଖ ପୂର୍ଣ୍ଣ ଜୀବନ କାହାଣୀ ଏଥିରେ ପ୍ରତିଫଳିତ ହୋଇଛି ।ଟୁସୁ ପ୍ରତିମା ଆଗରେ ଏହିପରି ଗୀତ ଗାଇ ଯୁବତୀଗଣ ରାତ୍ରର ଅନେକ ପ୍ରହର କଟାଇଥାନ୍ତି। ତରୁଣ କଣ୍ଠର ଏତାଦୃଶ କରୁଣ ସଙ୍ଗୀତର ମଧୁମୟ ଝଙ୍କାର ପୌଷ ରାତ୍ରିର ନିସ୍ତବ୍ଧ ପରିବେଶକୁ ଆହୁରି କରୁଣତର କରି ପକାଏ। ଟୁସୁ ପର୍ବ ମାନିବାର ଏକ କାରଣ ରହିଛି। ଟୁସୁ ହେଉଛନ୍ତି ବୀରବଲ ସିଂହଙ୍କ କନ୍ୟା ।ସେ ଅତ୍ୟନ୍ତ ସୁନ୍ଦରୀ ଥିଲେ। ଆଲ୍ଲାଉଦିନଙ୍କ ଲୋଲୁପ ଦୃଷ୍ଟି ଟୁସୁଙ୍କ ଉପରେ ଥିଲା। ଏହା ତାଙ୍କ ପିତା ଜାଣିବା ପରେ ସେ ଟୁସୁଙ୍କୁ ନିଜ ସଙ୍ଗରେ ତୀର୍ଥ ଭ୍ରମଣ କହି ମେବାର ରାଜ୍ୟ ଛାଡିଲେ। ସୁଲତାନ ଏ କଥା ଜାଣିବା ପରେ ତାଙ୍କ ସେନାପତି ଓ ସୈନ୍ୟ ମାନଙ୍କୁ ବୀରବରଲଙ୍କର ଅନୁସରଣ କରିବାକୁ ପଠାଇଲେ ।ବୀରବଲ ଅନେକ ବଣ ପାହାଡ଼ ଅତିକ୍ରମ କରି ଶେଷରେ ପରେଶ ନାଥ ପାହାଡ଼ରେ ଆଶ୍ରୟ ନେଲେ। ଏହି ଅଞ୍ଚଳର ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ସାହାଯ୍ୟ ମିଳିବାରୁ ବୀରବଲ ତାଙ୍କ ସାଥିମାନଙ୍କ ସହ ସେଠାରେ ସ୍ଥାୟୀ ହେଲେ। କିନ୍ତୁ ସୁଲତାନଙ୍କ ସେନାପତି ଟୁସୁର ସନ୍ଧାନ ପାଇଗଲେ ଏବଂ ତାଙ୍କୁ ଅପହରଣ କରିବାକୁ ଚେଷ୍ଟା କରିବାରୁ ସେ କାସାଁଇ ନଦୀ ଗର୍ଭରେ ଝାସ ଦେଇ ପ୍ରାଣ ବିସର୍ଜନ କରିଥିଲେ। ତାଙ୍କର ସତୀତ୍ୱ ରକ୍ଷା ପାଇଁ ତାଙ୍କୁ ଆଜିବି ଲୋକମାନେ ମାନି ଆସିଛନ୍ତି। ଏହି ଦିନକୁ ଖୁବ୍ ଧୁମଧାମରେ ଲୋକ ମାନେ ପାଳନ କରନ୍ତି ।ନାନା ରକମର ପିଠାପଣା କରିଥାନ୍ତି। ସତେ ଯେପରି ଟୁସୁ ପରି ଏମାନେ ନିଜର ସତୀତ୍ୱ ରକ୍ଷା ପାଇଁ ହସି ହସି ଜଳରେ ମଧ ଝାସ ଦେଇ ପାରିବେ।

# ଦିଲ୍ଲୀରେ ସଂସଦୀୟକ୍ଷେତ୍ର ପ୍ରଭାରୀ ମିଟିଂରେ ଯୋଗ ଦେଲେ ଚିତ୍ତ ଷଡ଼ଙ୍ଗୀ

ନୀଳଗିରୀ, ୧୫/୧ (ନି.ପ୍ର): ଗତ ୧୧ ତାରିଖ ଦିଲ୍ଲୀ ଠାରେ ଭାରତୀୟ ଜାତୀୟ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଆହୂତ ସଂସଦୀୟ କ୍ଷେତ୍ର ପ୍ରଭାରୀ ବୈଠକରେ ନୀଳଗିରର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କୁ ନିଖିଳ ଭାରତ କଂଗ୍ରେସ କମିଟି ତରଫରୁ ଯାଜପୁର ଜିଲ୍ଲା ସଂସଦୀୟ କ୍ଷେତ୍ରପାଇଁ କୋ-ଅର୍ଡିନେଟର ଦାୟିତ୍ୱ ପ୍ରଦାନ କରିବା ପରେ ଓଡ଼ିଶାରୁ ୧୦ଜଣ କୋ - ଅର୍ଡିନେଟରଙ୍କ ସହିତ ଦିଲ୍ଲୀ ଗସ୍ତରେ ଯାଇଥିଲେ ।ଉକ୍ତ ବୈଠକରେ ଦଳର ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ ବୈଠକରେ ଦଳର ସାଧାରଣ ସମ୍ପାଦକ ବେଣୁ ଗୋପାଳ , ଓଡ଼ିଶା ପ୍ରଭାରୀ ଡଃ ଅଜୟ କୁମାର, ୱାର ଗ୍ରୁପ୍ ମୁଖ୍ୟ ଶଶିକାନ୍ତ ସେନ୍ଥିଲ ପ୍ରମୁଖ କୋର୍ଡିନେଟର ମାନଙ୍କୁ ଉଦବୋଧନ ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ମାର୍ଗଦର୍ଶନ କରିଥିଲେ। ଆଗାମୀ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଦଳ କିପରି ନିଜର ସ୍ଥିତି ବଜାୟ ରଖି ଅଧିକରୁ ଅଧିକ ଜନସମର୍ଥନ ହାସଲ କରିପାରିବା ସହିତ ଦଳ କିପରି ଅଧିକ ସଂଖ୍ୟକ ସିଟ ହାସଲ କରିପାରିବ ସେ ବିଷୟରେ ଦଳର ଓଡ଼ିଶା ପ୍ରଭାରୀ ଡଃ ଅଜୟ କୁମାର କୋର୍ଡିନେଟରଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏଥି ସହିତ ଶ୍ରୀଯୁକ୍ତ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ଚୟନ କରିବାକୁ ନିବେଦନ ରଖିଥିଲେ। ସାଧାରଣ ସମ୍ପାଦକ ବେଣୁ ଗୋପାଳ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୂଚନା ଦେବା ସହିତକୋର୍ଡିନେଟର ମାନେ ନିଜ ନିଜର ସଂସଦୀୟ କ୍ଷେତ୍ରର ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ନୂତନ ଦାୟିତ୍ୱ ଏବଂ ଦିଲ୍ଲୀ ଡାକରା ପରେ ନୀଳଗିରିରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିବା ପରିଲକ୍ଷିତ ହୋଇଛି।

# ଉଦଳା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ

ଉଦଳା , ୧୫/୧ (ନି.ପ୍ର): ଚଳିତ ଜାନୁଆରୀ ୧୩ ତାରିଖ ଉଦଳା ମହାବିଦ୍ୟାଳୟ ପରିସରରେ ରାଜ୍ୟସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଉଚ୍ଚମାଧ୍ୟମିକ ପ୍ରଥମ ବର୍ଷର ସମସ୍ତ ଛାତ୍ରୀଙ୍କ ନିମନ୍ତେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ସଂଯୋଜିକା ଅଧ୍ୟାପିକା ପ୍ରଜ୍ଞା ପ୍ରିୟଦର୍ଶନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଯତିନ କୁମାର ମହାକୁଡ଼ ଯୋଗ ଦେଇ ସ୍ୱବକ୍ତବ୍ୟରେ ସୂଚାଇଥିଲେ ଯେ ଆତ୍ମସୁରକ୍ଷା ହିଁ ଆତ୍ମବିଶ୍ୱାସ ବୃଦ୍ଧି କରେ ଓ ଏକ ସୁସ୍ଥ ଶରୀରହିଁ ସୁସ୍ଥମାନସିକତାକୁ ବହନ କରେ । ସମ୍ମାନିତ ଅତିଥି ରୂପେ ଇଂରାଜୀ ବିଭାଗ ପ୍ରଧ୍ୟାପିକା ରେହେନା ସୁଲତାନା ଓ ଗଣିତ ବିଭାଗ ଅଧ୍ୟାପିକା ଡ଼. ମୀନାକ୍ଷୀ ପରିଡ଼ା ଯୋଗଦେଇ ନାରୀ ପ୍ରଗତିର ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଉଦାହରଣ ସହ ବକ୍ତବ୍ୟ ରଖିଥିଲେ । ସପ୍ତାହବ୍ୟାପି ପରିଚାଳିତ ଏହି ଶିବିରରେ ପ୍ରଶିକ୍ଷିକା ମନାଲିସା ପଣ୍ଡା ଛାତ୍ରୀ ମାନଙ୍କୁ ବିଭିନ୍ନ ଆତ୍ମ ସୁରକ୍ଷା କୌଶଳ ଶିକ୍ଷାଦେବେ ଓ ଶିବିର ଶେଷରେ ସମସ୍ତ ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଦିଆଯିବ । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସହସଂଯୋଜିକା ଅଧ୍ୟାପିକା ଅନିତା ଦଳେଇ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ ।

## ଶ୍ରୀ ଜଗନ୍ନାଥ ଚେତନାର ଉଦାରତା ହିଁ ଏହି ସଂସ୍କୃତିକୁ ବିଶ୍ୱବ୍ୟାପୀ କରାଇଛି

ପୁରୀ, ୧୫/୧ (ନି.ପ୍ର): ଶ୍ରୀରାଧାରମଣ ଫାଉଣ୍ଡେସନର ୩୪ ତମ ପ୍ରତିଷ୍ଠା ଦିବସ ଅବସରରେ ''ଶ୍ରୀକ୍ଷେତ୍ର ଓ ଶ୍ରୀ ଜଗନ୍ନାଥ'' ଶୀର୍ଷକ ଏକ ଆଲୋଚନାଚକ୍ର ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଗୁରୁ ଚରଣ ଦାସଙ୍କ ସଂଯୋଜନାରେ ଅୟୋଜିତ ଏହି ଆଲୋଚନାଚକ୍ରକୁ ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ପଟ୍ଟନାୟକ ଉଦଘାଟନ କରି ଶ୍ରୀ ଜଗନ୍ନାଥ ଚେତନାର ଉଦାରତା ହିଁ ଏହି ସଂସ୍କୃତିକୁ ବିଶ୍ୱବ୍ୟାପୀ କରିଛି ବୋଲି ମତ ରଖିଥିଲେ। ଯେଉଁ କେତେ ଜଣ ମହାପୁରୁଷ ଏହି ସଂସ୍କୃତିର ବାର୍ତ୍ତାବହ ସାଜିଥିଲେ ସେମାନଙ୍କ ମଧ୍ୟରେ ଶ୍ରୀ ଶ୍ରୀ ରାଧାରମଣ ଦେବ ହେଉଛନ୍ତି ଅନ୍ୟତମ।

ମଙ୍ଗଳବାର, ଜାନୁଆରୀ ୧୬, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି: ଶ୍ରୀଜିଉଙ୍କ ମକର ଚଉରାଶି ବେଶ

ପୁରୀ, ୧୫/୧ (ନି.ପ୍ର): ଶ୍ରୀମନ୍ଦିରରେ ଆଜି ପବିତ୍ର ମକର ସଂକ୍ରାନ୍ତି ଅବସରରେ ମହାପ୍ରଭୁ ମକର ଚଉରାଶି ବେଶରେ ଦର୍ଶନ ଦେଇଛନ୍ତି। ଏଥିସହ ଆଜିଠାରୁ ଉତ୍ତରାୟଣ ଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି। ବିଭିନ୍ନ ମଠ, ମନ୍ଦିରରେ ବି ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ମଠମାନଙ୍କରେ ସ୍ୱତନ୍ତ୍ର ଶୈଳୀରେ ମକର ଚାଉଳ ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି। ଏଥିପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ରହିଥିଲା। ସିଂହଦ୍ୱାରରେ ଭକ୍ତଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ଆଜି ଭୋର ୪ଟା ୩୫ରେ ଦ୍ୱାରଫିଟା ନୀତି ପରେ ୫ଟା ୨୫ରେ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଗତକାଲି ଅଲାମଚଣ୍ଡୀ ମନ୍ଦିରରୁ ପଟୁଆରରେ ଯାଇଥିବା ମକର ତାଡ଼ରେ ଏହି ମକର ଚାଉଳ ପ୍ରସ୍ତୁତ କରାଯାଇଥିଲା। ଏହାପରେ ରୋଷଘରୁ ମକର ଚଉରାଶି ଭୋଗ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ବଡ଼ଦେଉଳକୁ ତିନିବେଢ଼ା ବୁଲି ଭିତରେ ପନ୍ତିରେ ବଢ଼ାଯାଇଥିଲା। ପନ୍ତିବଢ଼ୁ ସେବକମାନେ ମୁହଁରେ ବାଘମୁହାଁ ବାନ୍ଧି ସ୍ୱତନ୍ତ୍ର ପଟୁଆରରେ ମକର ଚାଉଳକୁ ତିନିବେଢ଼ା ବୁଲାଇ ଛାମୁରେ ରଖିଥିଲେ। ପରେ ଘଣ୍ଟ, ଛତା, କାହାଳୀ ଆଦି ସହ ମହାଭୋଇ ସେବକମାନେ ବାଘମୁହାଁ ବାନ୍ଧି ଦୁଧ, ଗୁଡ଼ିଆ ସାକର ଓ ଫେଣା, ହଡପ ନାୟକ ନଳି, ପାନ ଆଦି ଆଣି ଶ୍ରୀମନ୍ଦିର ବେଢ଼ା ବୁଲି ପନ୍ତିରେ ରଖିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ପାଳିଆ ପୂଜାପଣ୍ଡାମାନଙ୍କ ଦ୍ୱାର ପଞ୍ଚ ଉପଚାରରେ ଭୋଗ ବଢ଼ିଥିଲା। ଟେରା ଫିଟିଲା ପରେ ମହାପ୍ରସାଦ ଭିତରେ ଥାଇ ତିନିବାଡ଼ରେ ବନ୍ଦାପନା ବଢ଼ିଥିଲା। ପୂଜାପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ବନ୍ଦାପନା କରିଥିଲେ। ମକର ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ନିକଟରେ ୮୪ ପ୍ରକାରର ଭୋଗ ଲାଗି ହୋଇଥିଲା। ସୁଆରମାନେ ଏହାକୁ ପ୍ରସ୍ତୁତ କରିଥିଲେ। ଏହାକୁ ମକର ଚଉରାଶି ଭୋଗ କୁହାଯାଏ।



# ବଡ଼ଦାଣ୍ଡରେ ଶୁଭିବ କଳା, ଧଳା ଘୋଡ଼ାର ଟାପୁ ଶବ୍ଦ

## ଦୁର୍ଲ୍ଲଭ ବେଶର ହେବ ଦିବ୍ୟ ଦର୍ଶନ

ଦିନକ ପରେ ଲୋକାର୍ପିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହେବ ବଡ଼ଦେଉଳ ଚତୁଃପାର୍ଶ୍ୱର ଭବ୍ୟରୂପ। ପୌଷ ଶୁକ୍ଳ ସପ୍ତମୀ ତିଥିର ଦିବ୍ୟ ମୁହୂର୍ତ୍ତରେ ଯଜ୍ଞରେ ପୂର୍ଣ୍ଣାହୁତି ପରେ ଏହି ବହୁପ୍ରତୀକ୍ଷିତ ପ୍ରକଳ୍ପକୁ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ଆସୁଥିବା ଅତିଥିଙ୍କ ଆତିଥେୟତାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ନିମନ୍ତ୍ରଣ ପାଇଥିବା ଅନେକ ଅତିଥି ମଧ୍ୟ ଶ୍ରୀକ୍ଷେତ୍ରରେ ପହଞ୍ଚି ଗଲେଣି। ଅତିଥିମାନଙ୍କୁ ସ୍ୱାଗତ ପାଇଁ ସଜେଇ ହେଉଛି ଶ୍ରୀକ୍ଷେତ୍ର ପୁରୀ। ଏହି ସାଜସଜ୍ଜା ଭିତରେ ସହରର ବିଭିନ୍ନ ପ୍ରମୁଖ ଜାଗାର କାନ୍ଥ, ପ୍ରାଚୀରରେ ଅଙ୍କା ଯାଇଛି ଆକର୍ଷଣୀୟ ଚିତ୍ରକଳା। ଓଡ଼ିଆ ଶିଳ୍ପୀଙ୍କ କଳା, ଚାତୁର୍ଯ୍ୟ ଓ ସୂକ୍ଷ୍ମ କାରୁକାର୍ଯ୍ୟ ଫୁଟିଉଠୁଛି ପ୍ରତିଟି ଚିତ୍ରରେ। ସଞ୍ଜ ନଇଁଲେ ଝଲସୁଛି ପୁରୀ ସହର। ରଙ୍ଗୀନ ଆଲୋକମାଳାରେ ସଜେଇ ହୋଇଛି କୋଠା ଓ ଗଛ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଯୋଗଦେବାକୁ ଆସୁଥିବା ଅତିଥି ଏବଂ ଲକ୍ଷାଧିକ ଭକ୍ତଙ୍କୁ ଭବ୍ୟ ସ୍ୱାଗତ ପାଇଁ ନିଆରା ଅନୁଭବ ଭେଟିଦେବାକୁ ପ୍ରୟାସ କରିଛନ୍ତି ରାଜ୍ୟ ସରକାର। ବଡ଼ଦାଣ୍ଡ ଉଭୟ ପାର୍ଶ୍ୱ କୋଠା ଫିକା ଗୋଲାପି ରଙ୍ଗରେ ଶୋଭାବର୍ଦ୍ଧନ କରୁଥିବା ବେଳେ ସହରର ସବୁ କାନ୍ଥ, ପ୍ରାଚୀର ଉତ୍କଳୀୟ ଚିତ୍ରକଳାରେ ଝଲସୁଛି। ତେବେ ଏହି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥବଲ୍ଲଭ ପରିସରକୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକମୟ କରାଯାଇଛି। ଏଠାରେ ଠାକୁରଙ୍କର ୨୫ବେଶ, ତିନିରଥ ପ୍ରଦର୍ଶନ କରାଯିବ। ଏଥିସହ ରୋଷଶାଳାରେ ମହାପ୍ରସାଦ ପ୍ରସ୍ତୁତ ପାଇଁ ବ୍ୟବହୃତ ହାଣ୍ଡି, କୁଡୁଆର ଫଟୋଚିତ୍ର ସହ ତଥ୍ୟାବଳୀ ପ୍ରଦର୍ଶନ କରାଯିବ। କେବଳ ବେଶ କି ତିନିରଥ ନୁହେଁ, ମହାପ୍ରଭୁଙ୍କ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ (ଯାହା ଏବେ ବ୍ୟବହାର କରାଯାଉ ନାହିଁ) ମଧ୍ୟ ପ୍ରଦର୍ଶିତ ହେବ। ଏତଦ୍ ?ବ୍ୟତୀତ ଭକ୍ତ ବଳରାମ ଦାଶ, ଶ୍ରୀଜୟଦେବ, ଶ୍ରୀଚୈତନ୍ୟ, ବନ୍ଧୁ ମହାନ୍ତି, ଦାସିଆ ବାଉରୀଙ୍କ କାହାଣୀ ସହିତ ୨୦୨୦ ଐତିହାସିକ ରଥଯାତ୍ରାର ଫଟୋଚିତ୍ର ବିବରଣୀ ମଧ୍ୟ ପ୍ରଦର୍ଶିତ କରାଯିବ। ପୁଣି କାଞ୍ଚି ଅଭିଯାନର ସେହି ଚିରସ୍ମରଣୀୟ କିମ୍ବଦନ୍ତୀକୁ ବି ପାଖରୁ ଦେଖିବେ ଭକ୍ତ। କଳା, ଧଳା ଘୋଡା ଚଢ଼ି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଯିବେ ଯୁଦ୍ଧ ଭୂମିକୁ। ବଡ଼ଦାଣ୍ଡରେ କଳା, ଧଳା ଘୋଡ଼ା ଟାପୁର ଶବ୍ଦ ବି ଶୁଣିବେ ଶ୍ରଦ୍ଧାଳୁ। ତେବେ ପ୍ରଦର୍ଶିତ ବେଶ ମଧ୍ୟରେ ଶ୍ରୀବିଗ୍ରହଙ୍କର ଦୁଇଟି ଦୁର୍ଲ୍ଲଭ ବେଶ ଦର୍ଶନ କରିବାର ସୁଯୋଗ ପାଇବେ ଶ୍ରଦ୍ଧାଳୁ। ଏହି ଦୁଇଟି ବେଶ ହେଉଛି ନାଗାର୍ଜୁନ ବେଶ ଏବଂ ରଘୁନାଥ (ରାମାଭିଷେକ) ବେଶ।

## ରଘୁନାଥ ବେଶ

ମହାପ୍ରଭୁଙ୍କର ବିଭିନ୍ନ ବେଶ ମଧ୍ୟରେ ରଘୁନାଥ ବେଶ ଅତ୍ୟନ୍ତ ଦୁର୍ଲ୍ଲଭ ଏବଂ ମନୋମୁଗ୍ଧକର। ହେଲେ ଅତ୍ୟନ୍ତ ଆକର୍ଷଣୀୟ କୁହାଯାଉଥିବା ଏହି ବେଶ ଆଉ ହେଉନାହିଁ। ତଥ୍ୟ କହୁଛି, ୧୧୮ବର୍ଷ ହେବ ଶ୍ରୀମନ୍ଦିରରେ ବନ୍ଦ ରହିଛି ଏହି ବେଶ। ରତ୍ନସିଂହାସନରେ ଭକ୍ତମାନେ ଦାରୁବିଗ୍ରହଙ୍କ ଏହି ରମଣୀୟ ବେଶ ଦେଖିପାରୁ ନଥିବା ବେଳେ ଏବେ ଦର୍ଶନର ସୁଯୋଗ ପାଇବେ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆଣିଦେଇଛି ଏହି ସୁଯୋଗ। କିନ୍ତୁ ରତ୍ନସିଂହାସନ ଉପରେ ନୁହେଁ, ବଡ଼ଦେଉଳ ବାହାରେ ଏହି ବିରଳ ରଘୁନାଥ ବେଶର ଅନୁଭୂତି ସାଉଣ୍ଟିବେ ଶ୍ରଦ୍ଧାଳୁ।

ଜଗନ୍ନାଥବଲ୍ଲଭ ପରିସରରେ ପ୍ରଦର୍ଶିତ ହେବାକୁ ଥିବା ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ରଘୁନାଥ ବେଶ ସାମିଲ ଅଛି। ସୂଚନା ଅନୁଯାୟୀ, ମୋଟ ୯ଥର ରତ୍ନସିଂହାସନରେ ମହାପ୍ରଭୁ ରଘୁନାଥ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶେଷଥର ପାଇଁ ୧୯୦୫ ମସିହା ଏପ୍ରିଲ ୨୬ ତାରିଖରେ ଏହି ବେଶ କରାଯାଇଥିଲା। ରାମ ଜନ୍ମତିଥି ପୁଷ୍ୟା ନକ୍ଷତ୍ରଯୁକ୍ତ ହୋଇଥିଲେ ମହାପ୍ରଭୁଙ୍କର ଏହି ବେଶ ହୋଇଥାଏ। ସେହିପରି ପରମ୍ପରା ଅନୁଯାୟୀ, ବୈଶାଖ ମାସର ଯେଉଁଦିନ ରାମଚନ୍ଦ୍ର ଦେବଙ୍କ ଅଭିଷେକ ଉତ୍ସବ ପଡ଼ିଥାଏ, ସେହି ତିଥିରେ ଶ୍ରୀମନ୍ଦିରରେ ରଘୁନାଥ ବେଶ କରାଯାଏ। କିନ୍ତୁ ୧୯୦୫ ପରେ ଅନେକଥର ଏହି ତିଥି ଆସୁଥିଲେ ମଧ୍ୟ କେତେ ନିର୍ଦ୍ଦିଷ୍ଟ କାରଣ ଯୋଗୁ ଏହି ଦୁର୍ଲ୍ଲଭ ବେଶ ଅନୁଷ୍ଠିତ ହୋଇପାରୁ ନାହିଁ। ଏହି ବେଶରେ ଶ୍ରୀଜଗନ୍ନାଥ ରାମ ରୂପରେ ହସ୍ତପଦ ଯୁକ୍ତ ହୋଇଥାନ୍ତି। ବାମ ପାଦ ସିଂହାସନ ଉପରେ ଓ ଦକ୍ଷିଣ ପାଦ ତଳକୁ ଲମ୍ବି ରହିଥାଏ। ଧନୁଶର ଧାରଣ ସହ ସିଂହାସନରେ ବୀରାସନରେ ବସିଥାନ୍ତି। ବଡ଼ଠାକୁର ବଳଭଦ୍ର ଲକ୍ଷ୍ମଣ ରୂପେ ଧନୁପାଦ ଛନ୍ଦରେ ଦଣ୍ଡାୟମାନ ହୋଇ ହସ୍ତପଦଯୁକ୍ତ ହୋଇଥାନ୍ତି। ଦୁଇ ହସ୍ତରେ ଜଗନ୍ନାଥଙ୍କ ମସ୍ତକକୁ ଲମ୍ବିଯାଇଥିବା ଛତ୍ରକୁ ଧରିଥାନ୍ତି। ସୁଭଦ୍ରା ବିଭିନ୍ନ ଆଭୂଷଣରେ ଶୋଭା ପାଇଥାନ୍ତି।

## ନାଗାର୍ଜୁନ ବେଶ

ମହାପ୍ରଭୁଙ୍କର ଅନନ୍ୟ ତଥା ଦୁର୍ଲ୍ଲଭ ବେଶ ମଧ୍ୟରୁ ଅନ୍ୟତମ ନାଗାର୍ଜୁନ ବେଶ। ଯେଉଁବର୍ଷ କାର୍ତ୍ତିକ ମାସରେ ପଞ୍ଚକ ପାଞ୍ଚଦିନ ନ ହୋଇ ଛଅ ଦିନ ପଡ଼ିଥାଏ, ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପଞ୍ଚକର ଯେଉଁ ତିଥି ମଳ ରହେ, ସେହି ମଳ ତିଥିରେ ଠାକୁରମାନଙ୍କ ନାଗାର୍ଜୁନ ବେଶ କରାଯାଏ। ଏହି ବେଶରେ ମହାପ୍ରଭୁ ଜଗନ୍ନାଥଙ୍କୁ ଜଣେ ବୀର ବା ଯୋଦ୍ଧା ଭାବେ ସଜେଇ ଦିଆଯାଏ। ଅଣ୍ଟାରେ ନାଗା ଡାଟି ବନ୍ଧା ଯିବା ସହ ଧନୁ, ଶରପୂର୍ଣ୍ଣ ତୂଣୀର, ଛୁରୀ, କଟାରୀ, ଢାଲ, ବାଘନଖ ଏବଂ ମୁଣ୍ଡରେ ହାଣ୍ଡିଆ (ଶୋଲରେ ତିଆରି) ବେଶ୍ ଆକର୍ଷଣୀୟ ଲାଗନ୍ତି। ମହାପ୍ରଭୁ ଜଗନ୍ନାଥ ଓ ବଳଭଦ୍ର ଶ୍ରୀହସ୍ତ ଓ ଶ୍ରୀପୟର ଲାଗି ହୋଇଥାନ୍ତି। ଉଭୟ ହସ୍ତରେ ଦୁଇଟି ରୁମାଲ (ଓଳମାଳ) ଧାରଣ କରୁଥିବା ବେଳେ ମହାପ୍ରଭୁ ଦକ୍ଷିଣ ହସ୍ତରେ ଚକ୍ର, ବାମହସ୍ତରେ ରୁପାଶଙ୍ଖ, ବ୍ରଳଭଦ୍ରଙ୍କ ଦକ୍ଷିଣ ହସ୍ତରେ ହଳ ଓ ବାମ ହସ୍ତରେ ମୂଷଳ ଧାରଣ କରିଥାନ୍ତି। ଏହି ବେଶ ବି ଦେଖିପାରିବେ ଶ୍ରଦ୍ଧାଳୁ। ସୂଚନାଥାଉ କି, ଶେଷଥର ପାଇଁ ଗତ ୨୦୨୦ ନଭେମ୍ବର ୨୭ତାରିଖରେ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ବେଶ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥିଲା।

## ଲେଜର ଶୋ'ରେ କାଞ୍ଚି ଅଭିଯାନ

ବଡ଼ଦାଣ୍ଡରେ ଶୁଭିବ ଘୋଡ଼ା ଟାପୁର ଶବ୍ଦ। କଳା, ଧଳା ଘୋଡା ଚଢ଼ି ଯୁଦ୍ଧ କରିବାକୁ ଯିବେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର। ପୁଣି ମାଣିକପାଟଣାରେ ମାଣିକ ଗଉଡୁଣୀଠୁ ଖାଇବେ ଦହି। ପଇସା ନ ଥିବାରୁ ଗଉଡୁଣୀକୁ ସୁନା ମୁଦି ଦେବେ ଠାକୁର। କାଞ୍ଚି ଅଭିଯାନର ଏହି ଭାବଭକ୍ତିର ଦୃଶ୍ୟକୁ ଅତି ପାଖରୁ ସାଉଣ୍ଟିବେ ଶ୍ରଦ୍ଧାଳୁ। ପରିକ୍ରମା ଲୋକାର୍ପଣ ଉତ୍ସବ ଅବସରରେ ବଡ଼ଦାଣ୍ଡସ୍ଥିତ ମାର୍କେଟ୍ କମ୍ପ୍ଲେକ୍ସ କୋଠରେ କାଞ୍ଚି ଅଭିଯାନର କାହାଣୀ ଦୃଶ୍ୟମାନ ହେବ। ଲେଜର ଶୋ' ମାଧ୍ୟମରେ କାଞ୍ଚି ରାଜ୍ୟର ରୂପସୀ ରାଜଜେମା ପଦ୍ମାବତୀ ଏବଂ ସୂର୍ଯ୍ୟବଂଶୀ ରାଜା ଗଜପତି ପୁରୁଷୋତ୍ତମଦେବଙ୍କ ପ୍ରଣୟ କାହାଣୀ ପ୍ରତିଫଳିତ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି।

# ପ୍ରଦର୍ଶିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମିନି ମଡେଲ

## ଲାଇଟ୍ ସାଉଣ୍ଡ ସୋ'ରେ କାଞ୍ଚି ଅଭିଯାନ କାହାଣୀ

ଆକାଶ ମାର୍ଗରୁ ଝଲସୁଛି ଶ୍ରୀମନ୍ଦିର ପରିକ୍ରମାର ଚିତ୍ର। ସ୍ୱର୍ଗୀୟ ଅନୁଭବ ଦେଉଛି ସବୁଜିମା ଭରା ଲ୍ୟାଣ୍ଡସ୍କେପଠୁ ନେଇ ବଉଳମାଳିଆ ପଥରର କାରିଗରୀ। ମେଘନାଦ ପରେ ପ୍ରଦକ୍ଷଣ ମାର୍ଗକୁ ସୁରକ୍ଷା ଦେବାକୁ ନିର୍ମିତ ହୋଇଛି କାରୁକାର୍ଯ୍ୟ ଭରା ପ୍ରାଚୀର। କ୍ଲକ ରୁମ୍ଠୁ ନେଇ ସେଲ୍ଟର ପ୍ୟାଭିଲିୟନ। ସୂଚନା କେନ୍ଦ୍ରରୁ ନେଇ ଆମ୍ଫି ଥିଏଟର। ସୁରକ୍ଷା ବଳୟଠାରୁ ସାଂସ୍କୃତିକ ମଣ୍ଡପ। ପରିକ୍ରମା ମାର୍ଗ ମଧ୍ୟରେ ଏହି ଅପୂର୍ବ ସମାହାର ପ୍ରତିରୂପ ସଂଦର୍ଶନ କରିବେ ଭକ୍ତ। ଜଗନ୍ନାଥ ବଲ୍ଲଭ ପରିସରରେ ପ୍ରଦର୍ଶନୀ କକ୍ଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅବିକଳ ମିନି ମଡେଲ ପ୍ରଦର୍ଶିତ କରାଯିବ। ଅର୍ଥାତ ଭକ୍ତମାନେ ପରିକ୍ରମା ମାର୍ଗ ପ୍ରଦକ୍ଷଣ କରିବା ପରେ ଯେଉଁ ଅନୁଭବ ନେବେ, ତା'ର ସମ୍ପୂର୍ଣ୍ଣ ରୂପରେଖ ଦେଖିପାରିବେ।



ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପରିକଳ୍ପନା ପୂର୍ବରୁ ଅର୍ଥାତ ୫ ବର୍ଷ ଅତୀତର ଶ୍ରୀମନ୍ଦିର ପ୍ରଦକ୍ଷଣ ମାର୍ଗ ଏବଂ ଏବେର ପରିକ୍ରମା ପ୍ରକଳ୍ପ ମଧ୍ୟରେ ଆକାଶପାତାଳର ଅନୁଭବ ଭେଟି ଦେବ। ଭକ୍ତମାନେ ଅତୀତରେ ଦେଖିଥିବା ଶ୍ରମନ୍ଦିର ପରିପାର୍ଶ୍ୱ ଏବଂ ଏବେ ଦେଖୁଥିବା ପରିକ୍ରମା ମାର୍ଗ ଅଭିଭୂତ କରିବ, ଏଥିରେ ଦ୍ୱିଧା ନାହିଁ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଦିନଠାରୁ ଅର୍ଥାତ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମିନି ମଡେଲ ଦେଖିପାରିବେ ଭକ୍ତ। ଏହା ମଧ୍ୟରେ କେଉଁ ସୁବିଧା କେଉଁଠାରେ ରହିଛି ତାହା ମଧ୍ୟ ଅବଲୋକନ କରିପାରିବେ। ପ୍ରଦର୍ଶନୀ କକ୍ଷରେ ଭକ୍ତମାନେ ବଡ଼ ପରଦାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପିତ



ପରିକ୍ରମା ପ୍ରକଳ୍ପ ନିର୍ମାଣର କଥା, ୨୦୨୦ ମସିହାର ଭକ୍ତଶୂନ୍ୟ ରଥଯାତ୍ରାର କଥା, ମହାପ୍ରଭୁଙ୍କ ସହ ସଂଶ୍ଳିଷ୍ଟ ବହୁ କଥାବସ୍ତୁର ଅବତାରଣା ଦେଖିବାକୁ ପାଇବେ। ଏଥିପାଇଁ ଜଗନ୍ନାଥ ବଲ୍ଲଭ ପରିସରରେ ୬୦ ଫୁଟ ଲମ୍ବ ଓ ୧୨ ଫୁଟ ଓସାରର ଏକ ବୃହତ୍ ପରଦାରେ ଭକ୍ତମାନେ ଏହି ଅନୁଭବ ନେବେ। ଏହା ମଧ୍ୟ ୧୭ରୁ ଆରମ୍ଭ ହୋଇ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଦିଲ୍ଲୀର ଏକ ଏଜେନ୍ସିକୁ ଏହି ମିନି ମଡେଲ ଏବଂ ପରଦାରେ ଶ୍ରୀଜଗନ୍ନାଥ ସଂସ୍କୃତିର କଥା ପ୍ରଦର୍ଶନ ପାଇଁ ନିୟୋଜିତ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପର୍ବ ଭକ୍ତଙ୍କୁ ଶ୍ରୀକ୍ଷେତ୍ରରେ ନିଆରା ଅନୁଭବ ଦେବ। ପ୍ରଥମଥର ପାଇଁ ସହରରେ ଲାଇଟ ସାଉଣ୍ଡ ସୋ' ଦେଖିବାର ସୁଯୋଗ ମିଳିବ। ବଡ଼ଦାଣ୍ଡ ସଂଲଗ୍ନ ମ୍ୟୁନିସିପାଲିଟି ମାର୍କେଟ କାନ୍ଥରେ ଲାଇଟ ସାଉଣ୍ଡ ତଥା ଲେଜର ସୋ'ରେ ମହାପ୍ରଭୁଙ୍କ କାଞ୍ଚି ଅଭିଯାନର କଥାଚିତ୍ର ଦେଖିବେ ଭକ୍ତ। ୧୭ରୁ ଲାଇଟ ଆଣ୍ଡ ସାଉଣ୍ଡ ସୋ ଆରମ୍ଭ ହେବ। ଗଜପତି ପୁରୁଷୋତ୍ତମ ଦେବ ଏବଂ ପଦ୍ମାବତୀଙ୍କ ପ୍ରେମରୁ ନେଇ ଯୁଦ୍ଧ ପର୍ଯ୍ୟନ୍ତ କଥାବସ୍ତୁର ଅବତାରଣା ଦେଖିବାକୁ ମିଳିବ। ସନ୍ଧ୍ୟାରେ ଏହି ସୋ ପ୍ରଦର୍ଶିତ ହେବ।

ଦିଲ୍ଲୀର ଏକ ଏଜେନ୍ସିକୁ ଏହାର କାର୍ଯ୍ୟଭାର ପ୍ରଦାନ କରାଯାଇଛି। ମହାପ୍ରଭୁଙ୍କ ଏହି ଐତିହାସିକ ପ୍ରକଳ୍ପର ଲୋକାର୍ପଣକୁ ଅବିସ୍ମୃତ ରଖିବା ପାଇଁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପରାମର୍ଶରେ ଭକ୍ତଙ୍କୁ ନୂଆ ଅନୁଭୂତି ଭେଟି ଦେବା ପାଇଁ ହୋଇଥିବା ଭିନ୍ନଭିନ୍ନ ପ୍ରୟାସ ମଧ୍ୟରେ ଲାଇଟ୍ ସାଉଣ୍ଡ ସୋ' ଅନ୍ୟତମ। ଏହି ସୋ' ପ୍ରଦର୍ଶନ ପାଇଁ ଦାୟିତ୍ୱ ନେଇଥିବା ଏଜେନ୍ସିର କର୍ମକର୍ତ୍ତା ଗୋ ?ରବ ଗିରଙ୍କ କହିବା ଅନୁଯାୟୀ, ଜର୍ମାନ ହାଙ୍ଗର ସମ୍ମିଳନୀ କକ୍ଷରେ ବେଶ ପ୍ରଦର୍ଶନୀ, ରଥ ପ୍ରଦର୍ଶନୀଠୁ ନେଇ ଶ୍ରୀମନ୍ଦିର ପ୍ରଦକ୍ଷଣ ମାର୍ଗର ପ୍ରତିରୂପ, ସ୍କ୍ରିନ ସୋ ଏବଂ ଲାଇଟ ସାଉଣ୍ଡ ସୋ'ର ବ୍ୟବସ୍ଥା କରାଯାଉଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହା ଭକ୍ତଙ୍କ ଉଦ୍ଦେଶ୍ୟରେ କରାଯାଉଛି ବୋଲି ସେ କହିଛନ୍ତି।











❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo